# ଜାଲ୍ ଭେଣ୍ଡର ରସିଦ୍‌ରେ ୪ କୋଟି ହେରଫେର୍

**ଯାଜପୁର ଜିଲାରେ ଧାନ ସଂଗ୍ରହ ପ୍ରକ୍ରିୟା**

- ୧୧ ପାକ୍ସ ସମ୍ପାଦକଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶ
- ୧୫ ଦିନରେ ରିପୋର୍ଟ ଦାଖଲ କରିବାକୁ ନୋଟିସ

**ଯାଜପୁର ଅଫିସ,୧୫।୬**

ଯାଜପୁର ଜିଲାର ୧୧ ପ୍ରାଥମିକ ସେବା ସମବାୟ ସମିତି(ପାକ୍ସ)ରେ ଧାନକିଣାରେ ଭେଣ୍ଡର ରସିଦ ଜାଲିଆତି କରି ହେରାଫେରି ହୋଇଛି। ଏଥିରେ ଏକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି) ମଧ୍ୟ ସାମିଲ ରହିଛି। ସଂପୃକ୍ତ ସମ୍ପାଦକମାନେ ବିନା ଧାନରେ ଅଗ୍ରିମ ଭେଣ୍ଡର ରସିଦ ପ୍ରସ୍ତୁତ କରି ସମୁଦାୟ ୨୦,୬୯୭.୩୪ କୁଇଣ୍ଟାଲ ଧାନ କିଣାଯାଇଥିବା ଦର୍ଶାଇଛନ୍ତି। ଏ ଗ୍ରେଡ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କୁଇଣ୍ଟାଲ ପିଛା ୧୯୬୦ ଟଙ୍କା ଅନୁସାରେ ଏହା ପ୍ରାୟ ୪ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ହେଉଛି। ଦୁଇଟି ପର୍ଯ୍ୟାୟରେ ହୋଇଥିବା ବିଭାଗୀୟ ଉଚ୍ଚସ୍ତରୀୟ ତଦନ୍ତ ରିପୋର୍ଟରେ ଏହା ସ୍ପଷ୍ଟ ହୋଇଛି। ଏହି କ୍ରମରେ ଯୋଗାଣ ନିଗମ ରାଜ୍ୟ ମୁଖ୍ୟ କାର୍ଯ୍ୟାଳୟର ତଦନ୍ତକାରୀ ଅଧିକାରୀ ତଥା ସିଭିଲ ସପ୍ଲାଏ ଅଫିସର (ସିଏସ୍‌ଓ) ବସନ୍ତ କୁମାର ପଣ୍ଡା ସମ୍ପୃକ୍ତ ସମ୍ପାଦକ ଓ ପର୍ଚ୍ଚେଜ ଅଫିସରମାନଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଯାଜପୁର ଜିଲାପାଳଙ୍କୁ ତାଙ୍କ ତଦନ୍ତ ରିପୋର୍ଟରେ ଅନୁରୋଧ କରିଛନ୍ତି। ଏହାସହ ସମ୍ପୃକ୍ତ ସମ୍ପାଦକ ଏବଂ ୯ ମିଲର୍ସଙ୍କୁ ମଣ୍ଡି ପରିଚାଳନାରୁ ବିରତି ରଖିବାକୁ ତଦନ୍ତକାରୀ ଅଧିକାରୀ ପଣ୍ଡା ପ୍ରସ୍ତାବ ଦେଇଛନ୍ତି। ଏହି ମର୍ମରେ ରାଜ୍ୟ ସେବା ସମବାୟ ସମିତିର ନିବନ୍ଧକ ଏହି ମାମଲାକୁ ଅତି ଗୁରୁତ୍ୱପୂର୍ଣ୍ଣ ମନେକରି ୧୫ ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦାଖଲ କରିବାକୁ ଗତ ୧୩ ତାରିଖରେ ଯାଜପୁର ଏଆରସିଏସ୍( ଆସିଷ୍ଟାଣ୍ଟ ରେଜିଷ୍ଟ୍ରାର କୋପରେଟିଭ ସୋସାଇଟି)ଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିରୁ ଯାଜପୁର ଜିଲାରେ ଧାନକିଣାରେ କେମିତି ବିପୁଳ ପରିମାଣର ଅର୍ଥ ହରିଲୁଟ ହେଉଛି ତାହା ଜଳଜଳ ହୋଇ ଦିଶୁଛି ବୋଲି ମତପ୍ରକାଶ ପାଇଛି।

ତଦନ୍ତ ରିପୋର୍ଟ ଅନୁସାରେ, ଷ୍ଟେଟ ଏନ୍‌ଫୋର୍ସ ସ୍କ୍ୱାଡ୍ ଗତ ୩।୩।୨୦୨୨ରେ ଯାଜପୁର ଜିଲା ଗସ୍ତ କରି ଧାନକିଣା ବାବଦକୁ ତଦନ୍ତ କରିଥିଲେ। ଜିଲା ଯୋଗାଣ ବିଭାଗ ପକ୍ଷରୁ ଯାଜପୁର ଜିଲାରେ ୧୫୧ଟି ପାକ୍ସ ଏବଂ ଏସ୍‌ଏଚ୍‌ଜିଙ୍କୁ ୨୦୨୧-୨୨ ବର୍ଷ ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ କରାଯାଇଥିଲା। ୨୦୨୨ ମାର୍ଚ୍ଚ ୨ ତାରିଖ ସୁଦ୍ଧା ୧୦ଟି ମିଲର୍ସଙ୍କ ଜରିଆରେ ୧୩,୯୨,୦୯୧.୨୫ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଏହି ତଥ୍ୟକୁ ଆଧାର କରି ତଦନ୍ତକାରୀ ଅଧିକାରୀ ପାକ୍ସମାନଙ୍କରେ ଧାନ ସଂଗ୍ରହ, ଉଠାଣ ଏବଂ ମହଜୁଦ ରହିଥିବା ପରିମାଣ ଉପରେ ପୁଙ୍ଖାନୁପୁଙ୍ଖ ଭାବେ ତଦନ୍ତ କରିଥିଲେ। ଏଥିରେ ଦଶରଥପୁର ବ୍ଲକ ଗ୍ରାମନନ୍ଦିପୁର ପାକ୍ସରେ ସେତେବେଳେ ୨୮୯୪୧.୭୦ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଥିଲାବେଳେ ୨୫୪୩୮.୪୫ କୁଇଣ୍ଟାଲ ମିଲକୁ ପଠାଯାଇଥିଲା। ବାକି ୩୦୬୫.୨୫ କୁଇଣ୍ଟାଲ ଧାନର ଭେଣ୍ଡର ରସିଦ ପ୍ରସ୍ତୁତ ହୋଇଥିବାବେଳେ ବାସ୍ତବରେ ଚାଷୀଙ୍କଠାରୁ ସେହି ପରିମାଣର ଧାନ କିଣାଯାଇ ନ ଥିଲା। ସେହିପରି ଦଶରଥପୁର ବ୍ଲକର ଚଷାଖଣ୍ଡ ପାକ୍ସରେ ୩୭୫୩.୦୪ କୁଇଣ୍ଟାଲ, ବଡ଼ଚଣା ବ୍ଲକ ବୈରୀ ପାକ୍ସରେ ୧୭୯୦.୩୦ କୁଇଣ୍ଟାଲ ଓ ସମିଆ ପାକ୍ସରେ ୮୧୬.୧୬ କୁଇଣ୍ଟାଲ ଏବଂ ବରୀ ବ୍ଲକ ଅମଠପୁର ପାକ୍ସରେ ୧୧୮୩.୭୩ କୁଇଣ୍ଟାଲ ଭେଣ୍ଡର ରସିଦରେ ଜାଲିଆତି କରି ଧାନ କିଣାଯାଇଥିଲା। ଅନ୍ୟ ତଦନ୍ତ ପ୍ରକ୍ରିୟାରେ ଅନୁରୂପ ଭାବେ ବିଞ୍ଝାରପୁର ବ୍ଲକ ନରହରି ପାକ୍ସରେ ୧୮୦୧.୦୫ କୁଇଣ୍ଟାଲ, ଧର୍ମଶାଳା ବ୍ଲକ ଅଭୟପୁର ପାକ୍ସରେ ୩୮୩.୫୮ କୁଇଣ୍ଟାଲ, ସୁକିନ୍ଦା ବ୍ଲକ ଦୁଧୁଜୁରୀ ପାକ୍ସରେ ୪୫୮୧.୨୮ କୁଇଣ୍ଟାଲ, ଦାନଗଦି ବ୍ଲକ ଗୋବର୍ଦ୍ଧନପୁର ପାକ୍ସରେ ୧୨୭୯.୫୦ କୁଇଣ୍ଟାଲ, ଯାଜପୁର ବ୍ଲକ ମହାବୀର ଶକ୍ତି ଏସଏଚ୍‌ଜିରେ ୧୦୦୮.୨୪ କୁଇଣ୍ଟାଲ ଓ ମାର୍କଣ୍ଡପୁର ପାକ୍ସରେ ୧୦୩୫.୨୧ କୁଇଣ୍ଟାଲ ଧାନ ବେଆଇନ ଭାବେ ଭେଣ୍ଡର ରସିଦ ପ୍ରସ୍ତୁତ କରି ଧାନ କିଣାଯାଇଛି।

ସୂଚନାଯୋଗ୍ୟ, ୨୦୨୧ ଜୁନରେ ରାଜ୍ୟର ଯାଜପୁର ଜିଲା ସମେତ ବରଗଡ, ଭଦ୍ରକ, ଗଞ୍ଜାମ, ନୂଆପଡା, ସମ୍ବଲପୁର ଓ ସୁବର୍ଣ୍ଣପୁର ଜିଲାର ୩୩ ଏସ୍‌ଏଚ୍‌ଜି ଦ୍ୱାରା ୪୬୬୧.୨୨ କୁଇଣ୍ଟାଲ ଧାନ ଅନୁରୂପ ଭାବେ ବିନା ଚାଷୀରେ ଭେଣ୍ଡର ରସିଦ ପ୍ରସ୍ତୁତ କରି ହେରାଫେରି କରିଥିବା ଅଭିଯୋଗ ହୋଇଥିଲା। ସମ୍ପୃକ୍ତ ଗୋଷ୍ଠୀର କର୍ମକର୍ତ୍ତାମାନଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମିଶନ ଶକ୍ତି କମିଶନରଙ୍କୁ ଗତ ୨୩।୪।୨୦୨୧ରେ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ପୃଷ୍ଟି ସୁପାରିସ କରିଥିଲେ । ଏହି ସୁପାରିସକୁ ଆଧାର କରି ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ(ଏମ୍‌ଡି) ବିଶ୍ୱଜିତ ଦାସ ୧୮।୬।୨୦୨୧ରେ ଉପରୋକ୍ତ ୭ ଜିଲାର ଜିଲାପାଳ ଓ ଯୋଗାଣ ଅଧିକାରୀଙ୍କୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତେବେ ପରବର୍ତ୍ତୀ ସମୟରେ ସମ୍ପୃକ୍ତ ଏସ୍‌ଏଚ୍‌ଜି କର୍ମକର୍ତ୍ତାଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇ ନ ଥିବା ଅଭିଯୋଗ ହୋଇଛି। ଭିତିରିଆ ବୁଝାମଣା କରି ମାମଲାକୁ ଚାପି ଦିଆଯାଇଥିବା ଚର୍ଚ୍ଚା ହେଉଛି। ନିଜ ସମ୍ପର୍କୀୟ ଓ ପାଖ ଲୋକଙ୍କୁ ଚାଷୀ ଦର୍ଶାଇ ଜାଲ୍ କାଗଜପତ୍ରରେ ଧାନ ସଂଗ୍ରହ କରାଯାଇ ଚାଷୀ ମାରଣନୀତି ଚାଲିଥିଲେ ହେଁ କେବଳ କାର୍ଯ୍ୟାନୁଷ୍ଠାନ ନିର୍ଦ୍ଦେଶରେ ପଦକ୍ଷେପ ସୀମିତ ରହୁଛି। ଏ ସଂକ୍ରାନ୍ତରେ ଯାଜପୁର ଏଆରସିଏସ୍ ପ୍ରଶାନ୍ତ କୁମାର ମଲ୍ଲିକଙ୍କୁ ପଚାରିବାରେ ସେ କହିଛନ୍ତି ତଦନ୍ତ ରିପୋର୍ଟ ଆଧାରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।

## ସଂକ୍ଷେପରେ

### ଭାଜପା ଯୁବମୋର୍ଚ୍ଚାର ଜନସଚେତନତା କାର୍ଯ୍ୟକ୍ରମ

**ବରୀ,୧୫।୬(ଡି.ଏନ.ଏ.):** କେନ୍ଦ୍ର ସରକାରଙ୍କ ଦ୍ୱିତୀୟ ଥର ଶାସନର ତୃତୀୟ ବର୍ଷ ପୂର୍ତ୍ତି ଅବସରରେ ବରୀ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଏକ ଜନସଚେତନା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କେନ୍ଦ୍ର ସରକାରଙ୍କ ବିଭିନ୍ନ ଲୋକହିତକର ଯୋଜନା କିଭଳି ଘରେଘରେ ପହଞ୍ଚି ପାରିଛି ଏବଂ ସାଧାରଣ ଲୋକଙ୍କର ଆର୍ଥିକ ଅବସ୍ଥାକୁ ବଦଳାଇ ଦେଇ ପାରିଛି ସେ ବିଷୟରେ ସାଧାରଣ ଲୋକଙ୍କୁ ଅବଗତ କରାଯାଇଛି। ଏହିଅବସରରେ ବରୀ ମାଉଣ୍ଡସ୍ଥିତ ଜାଗୁଲାଇ ପୀଠଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାଜପା ପଛୁଆ ବର୍ଗ ଉପସଭାପତି ଆଶୁତୋଷ ପରିଡ଼ା ଯୋଗଦେଇ କେନ୍ଦ୍ର ସରକାରଙ୍କ ଲୋକାଭୀମୁଖୀ କାର୍ଯ୍ୟକ୍ରମ ସାଧାରଣ ଲୋକଙ୍କ ନିକଟରେ ପହଞ୍ଚିବା କ୍ଷେତ୍ରରେ ରାଜ୍ୟ ସରକାର ପ୍ରତିବନ୍ଧକ ସୃଷ୍ଟି କରୁଛନ୍ତି ବୋଲି ମତ ରଖିଥିଲେ। ଏଥିସହିତ ଅନେକ ସରକାରୀ କର୍ମଚାରୀ ବିଭିନ୍ନ ଦୁର୍ନୀତିରେ ଲିପ୍ତ ରହିଛନ୍ତି। ହେଲେ ଏହାକୁ ରାଜ୍ୟ ସରକାର ଆଖି ବୁଜି ଦେଇଛନ୍ତି ବୋଲି ସେ ପ୍ରକାଶ କରିଥିଲେ। ପରେ ବରୀ ମାଉଣ୍ଡଠାରୁ ଭାଜପା କର୍ମକର୍ତ୍ତା ଏକ ମଟରସାଇକେଲ ରାଲିରେ ବିଭିନ୍ନ ନାରାବାଜି ଦେଇ ବୌଦ୍ଧପୀଠ ରତ୍ନଗିରିଠାରେ ପହଞ୍ଚି ଆଗାମୀ ଦିନରେ ବରୀ ଭାଜପା ନିଜର ସ୍ଥିତି କିଭଳି ସୁଦୃଢ଼ କରିବ ସେ କ୍ଷେତ୍ରରେ ଆଲୋଚନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁବ ମୋର୍ଚ୍ଚା ଜିଲା ସଂଯୋଜକ ଗୀତାଞ୍ଜଳି ରାଉତ, ଯୁବନେତା କବିର ଦାସ, ରାଜୁ ପରିଡ଼ା, ଉତ୍କଳ ସାହୁ, ରବୀନ୍ଦ୍ର ଜେନା, ମନୋଜ ମହାପାତ୍ର, ରବୀନ୍ଦ୍ର ଶତପଥୀ, ସ୍ମରଜିତ ମହାନ୍ତି ଓ ରବୀନ୍ଦ୍ର ପଲାଇ ପ୍ରମୁଖ ଯୋଗ ଦେଇଥିଲେ।

### ବଟ ମହାବୀରଙ୍କ ବିଗ୍ରହ ପ୍ରତିଷ୍ଠା ଉତ୍ସବ

**ବଡ଼ଚଣା,୧୫।୬(ଡି.ଏନ.ଏ):** ବଡ଼ଚଣା ବ୍ଲକ୍ ଅନ୍ତର୍ଗତ ବନ୍ଧାଲୋ ଗ୍ରାମସ୍ଥିତ ଶ୍ରୀଶ୍ରୀ ଶଙ୍କଟମୋଚନ ପ୍ରଭୁ ଶ୍ରୀବଟ ମହାବୀରଙ୍କ ଶପ୍ତଦଶ ବାର୍ଷିକ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କଳସ ଯାତ୍ରା, ସୂର୍ଯ୍ୟପୂଜା, ଗୋପୂଜା, ନାମସଙ୍କୀର୍ତ୍ତନ, ଗୀତାପାଠ, ୧୦୮ ହନୁମାନ ଚାଳିଶା ପାଠ, ଶଙ୍କଟ ମୋଚନଙ୍କ ସହସ୍ରନାମ ପାଠ ଓ ମହାଯଜ୍ଞ ଆଦି ୪ଦିନ ଧରି ବ୍ୟାପୀ ଅନୁଷ୍ଠିତ ହୋଇଥିଲା। ଏହି ଉପଲକ୍ଷେ ଆୟୋଜିତ ଆଧାତ୍ମିକ ପ୍ରବଚନ ଓ ଭଜନ ସନ୍ଧ୍ୟାକୁ ଚଣ୍ଡିଖୋଲ ପ୍ରେସ୍ କ୍ଲବ୍ ସମ୍ପାଦକ ଦିଲୀପ କୁମାର ମହାନ୍ତି ଉଦ୍‌ଘାଟନ କରିଥିଲେ। ଯଜ୍ଞରେ କର୍ତ୍ତା ଭାବେ ବିଶ୍ୱଜିତ ସ୍ୱାଇଁ ଓ ତାଙ୍କ ସ୍ତ୍ରୀ କାଜଲ ସ୍ୱାଇଁ ଯୋଗ ଦେଇଥିଲେ। ପଣ୍ଡିତ ରଶ୍ମିରଜନ ସ୍ୱାଇଁଙ୍କ ନେତୃତ୍ୱରେ ପଣ୍ଡିତମାନେ ଯଜ୍ଞ କାର୍ଯ୍ୟ କରିଥିଲେ। ବିପ୍ର ଚରଣ ପ୍ରଧାନ, ଭରତ ନାୟକ, ରଞ୍ଜିତ ମହାନ୍ତି, ତପନ ବଳ, ଶ୍ରୀଚରଣ ମଳିକ ଓ ଅରୁଣ ମଳିକ ପ୍ରମୁଖ ଯଜ୍ଞ ସହଯୋଗ କରିଥିଲେ।

## ଅଫୁଟା ବାଣ ଫୁଟି ଛାତ୍ର ଗୁରୁତର

**ଚଣ୍ଡିଖୋଲ,୧୫।୬(ଡି.ଏନ.ଏ.)**

ଅଫୁଟା ବାଣ ସଂଗ୍ରହ ସମୟରେ ତାହା ଫୁଟିଯିବାରୁ ଜଣେ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ବଡ଼ଚଣା ବ୍ଲକ ଅଧୀନ ଚଣ୍ଡିଖୋଲ ଚଣ୍ଡୀ ମନ୍ଦିର ନିକଟରେ ରହୁଥିବା ରୋଶନ ଓରଫ୍ ରାଜୁ। ରାଜୁ ମଙ୍ଗଳବାର ନିକଟସ୍ଥ ପାହାଡ଼କୁ ଛେଳି ଚରାଇବାକୁ ଯାଇଥିଲେ। ମହାବିନାୟକ ପୀଠ ଓ ଚଣ୍ଡୀ ମନ୍ଦିର ମଧ୍ୟସ୍ଥଳରେ ଏକ ଅଳିଆଗଦାରେ ବାଣ ପଡ଼ିଥିବା ଦେଖିବାକୁ ପାଇଥିଲେ। ପରେ ସେ ଏହାକୁ ହାତରେ ଧରି ଦେଖିବା ସମୟରେ ବାଣଟି ହଠାତ୍ ଫୁଟିଯାଇଥିଲା। ଫଳରେ ସେ ଆହତ ହୋଇଥିଲେ। ଖବର ଜାଣିବାପରେ ଉଦୀୟମାନ ସ୍ୱେଚ୍ଛାସେବୀ ଅନୁଷ୍ଠାନର ସମ୍ପାଦକ ଅନିଲ ଦାସ ରାଜୁଙ୍କୁ ସଙ୍ଗେସଙ୍ଗେ ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ତେବେ ଅବସ୍ଥା ସଙ୍କଟାପନ୍ନ ହେବାରୁ ପରେ ତାଙ୍କୁ କଟକ ବଡ଼ ଡ଼ାକ୍ତରଖାନା ସ୍ଥାନାନ୍ତର କରାଯାଇଛି। ରାଜୁ ଚଣ୍ଡିଖୋଲ ସରକାରୀ ବିଦ୍ୟାଳୟର ୯ମ ଶ୍ରେଣୀ ଛାତ୍ର। ତାଙ୍କ ବାପା ପକ୍ଷାଘାତ ରୋଗୀ। ପରିବାର ଚଳାଇବା କଷ୍ଟକର ହୋଇଥିବାରୁ ରାଜୁ ପାଠ ପଢ଼ିବା ସହ ଛେଳି ଚରାନ୍ତି। ଅନ୍ୟପକ୍ଷରେ ମହାବିନାୟକ ପୀଠରେ ପ୍ରାୟ ସମୟରେ ବିବାହ କାର୍ଯ୍ୟକ୍ରମ ହେଉଛି। ଏଠାକୁ ବର ରୋଶଣି କରି ଆସୁଥିବାରୁ ଅଫୁଟା ବାଣକୁ ଫୋପାଡ଼ି ଦେଇ ପଳାଉଛନ୍ତି। ଫଳରେ ପରବର୍ତ୍ତୀ ସମୟରେ ଏଭଳି ଘଟଣା ଘଟୁଛି। ପ୍ରଶାସନ ଏ ଦିଗରେ ପଦକ୍ଷେପ ନେବା ସହ ଗରିବ ରାଜୁଙ୍କୁ ଚିକିତ୍ସା ପାଇଁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହୋଇଛି।

## ଟାଏକୋଣ୍ଡୋରେ ଯାଜପୁର ଖେଳାଳିଙ୍କ ସଫଳତା



ଟାଏକୋଣ୍ଡୋ ପ୍ରତିଯୋଗିତାରେ ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

**ଯାଜପୁର ଟାଉନ,୧୫।୬(ଡି.ଏନ.ଏ.)**

କେନ୍ଦୁଝରରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓଡ଼ିଶା ଟାଏକୋଣ୍ଡୋ ପ୍ରତିଯୋଗିତାରେ ଡିଏମ୍‌ଏସ୍ ଯାଜପୁର ଟାଏକୋଣ୍ଡୋ ଆସୋସିଏଶନ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛି। ୩ ଦିନ ଧରି ଅନୁଷ୍ଠିତ ପ୍ରତିଯୋଗିତାରେ ରାଜ୍ୟର ୭ ଜିଲାରୁ ୩୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। ଯାଜପୁରର ମାର୍ଶାଲ ଆର୍ଟ ଏକାଡେମୀ ଏବଂ ଜାରକାସ୍ଥିତ ଧର୍ମଶାଳା ଟାଏକୋଣ୍ଡୋ ଆସୋସିଏଶନର ପିଲାମାନେ ଭାଗ ନେଇ ୩୧ ସ୍ୱର୍ଣ୍ଣ, ୧୨ ରୌପ୍ୟ ଓ ୭ଟି କାଂସ୍ୟ ପଦକ ହାସଲ କରିବାର ସୌଭାଗ୍ୟ ଅର୍ଜନ କରିଛନ୍ତି। ସମସ୍ତ କୃତୀ ଖେଳାଳିଙ୍କୁ ପ୍ରାକ୍ତନ ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ପୂର୍ବତନ କାଉନସିଲର ରଶ୍ମିରେଖା ରାଉତ, ଡିଏମ୍‌ଏସ୍‌ର ଅଭୟ ବଲ୍ଲଭ ପଣ୍ଡା, ରଘୁନାଥ ରାଉତ, ବସନ୍ତ କୁମାର ପତି ପ୍ରମୁଖ ଶୁଭେଚ୍ଛା ଜଣାଇଥିଲେ। ସଫଳ କ୍ରୀଡ଼ାବିତ୍‌ମାନେ ଆଗାମୀ ଦିନରେ ଜାତୀୟସ୍ତରରେ ସାମିଲ ହେବା ପାଇଁ ବିବେଚିତ ହୋଇଥିବା ସୂଚନା ମିଳିଛି।

## ବର୍ଷା ଯୋଗୁ ଚାଷୀ ଆଶ୍ୱସ୍ତ

**ଧର୍ମଶାଳା,୧୫।୬(ଡି.ଏନ.ଏ.)**

ଚଳିତ ବର୍ଷ ରଜ ପୂର୍ବରୁ ବର୍ଷା ନ ହେବାରୁ ଖରିଫ୍ ଧାନ ଚାଷ ବାଧାପ୍ରାପ୍ତ ହୋଇଛି। ତେବେ ପହିଲି ଓ ଦ୍ୱିତୀୟ ରଜରେ ଭଲ ବର୍ଷା ହୋଇଥିବାରୁ ଚାଷୀ ଆଶ୍ୱସ୍ତି ଲାଭ କରିଛନ୍ତି। ଧର୍ମଶାଳା ବ୍ଲକରେ ଚଳିତଥର ୧୨ହଜାର ୪ ଶହ ହେକ୍ଟର ଜମିରେ ଧାନ ଚାଷ କରାଯିବ ବୋଲି କୃଷି ବିଭାଗ ପକ୍ଷରୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ତେବେ ୧ ହେକ୍ଟର ଜମି ପାଇଁ ୪୦ କେଜି ବିହନ ଆବଶ୍ୟକ ହୋଇଥିବା ବେଳେ ସମୁଦାୟ ଜମି ପାଇଁ ୪ ହଜାର ୯୬୦ କୁଇଣ୍ଟାଲ ବିହନର ଆବଶ୍ୟକତା ରହିଛି। ଚାଷୀଙ୍କୁ ସାର ଓ ବିହନ ଯୋଗାଇ ଦେବାକୁ ୫ ଜଣ ଡିଲରଙ୍କୁ ନିଯୁକ୍ତି ଦିଆଯାଇଛି। ଡିଲରମାନେ ରଜ ସୁଦ୍ଧା ମାତ୍ର ୫୨୬ କୁଇଣ୍ଟାଲ ବିଭିନ୍ନ କିସମର ଧାନ ବିହନ ମହଜୁଦ ରଖିଛନ୍ତି। ବ୍ଲକର କବାଟବନ୍ଧ, ପୁରୁଣାବଉଳମାଳ, ଇମାମନଗର, ଶଙ୍ଖରୀଡିହ ଓ ଅଚ୍ୟୁତପୁରର ଡିଲରମାନେ ଏହି ବିହନ ନେଇଥିବା ଜଣାପଡିଛି। ପୂର୍ବ ବର୍ଷରେ ରଜ ପୂର୍ବରୁ ଚାଷୀ ଧାନବୁଣା ଶେଷ କରିଥିଲେ। ହେଲେ ଚଳିତ ବର୍ଷ ବର୍ଷା ଯୋଗୁ ଚାଷ ବାଧାପ୍ରାପ୍ତ ହୋଇଛି। ଡିଲରମାନେ ପୂଜା, ସାରଳା, ୧୦୧୮, ସ୍ୱର୍ଣ୍ଣ, ସ୍ୱର୍ଣ୍ଣସବ ୧, କଳାଚମ୍ପା, ଏମ୍‌ଟିୟୁ ୧୧୫୬, ସିଆର ୧୦୦୯ ଆଦି କିସମର ଧାନ ବିହନ ଉଠାଇଥିବା ବ୍ଲକ ଅତିରିକ୍ତ କୃଷି ଅଧିକାରୀ ପ୍ରଦୀପ କୁମାର ମହାନ୍ତି କହିଛନ୍ତି। ବିହନ କୁଇଣ୍ଟାଲ ପ୍ରତି ୩୫୦୭ଟଙ୍କା ଧାର୍ଯ୍ୟ ହୋଇଥିବାବେଳେ ଚାଷୀଙ୍କ ଖାତାକୁ ୧୨୫୭ ଟଙ୍କା ସବ୍‌ସିଡ୍ ପଠାଯିବାର ବ୍ୟବସ୍ଥା କରାଯାଇଥିବା କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

## ଝଡ଼ବର୍ଷାରେ ବ୍ୟାପକ କ୍ଷୟକ୍ଷତି



ଏକ ଟ୍ରକ୍ ଉପରେ ଗଛ ଉପୁଡ଼ି ପଡ଼ିଛି।

**କାଳିଆପାଣି,୧୫।୬(ଡି.ଏନ.ଏ.)**

କାଳିଆପାଣି ଖଣି ଅଞ୍ଚଳରେ ମଙ୍ଗଳବାର ଅପରାହ୍ନରେ ପ୍ରବଳ ଝଡ଼ ବର୍ଷା ହୋଇଛି। ଏଥିରେ ଅନେକ ଘର ଉପରେ ଗଛ ପଡ଼ି ଟାଇଲ ଛପର ଓ ଆଜବେଷ୍ଟସ ନଷ୍ଟ ହୋଇଛି। ବହୁ ଗାଡ଼ି ଉପରେ ମଧ୍ୟ ଗଛ ଉପୁଡ଼ି ପଡ଼ିଥିବା ଦେଖିବାକୁ ମିଳିଛି। ଫଳରେ ବ୍ୟାପକ କ୍ଷୟକ୍ଷତି ଘଟିଛି। ଏପରି କି କଲରଙ୍ଗି ଗାଁଠାରୁ ଅନଳ କୁସୁମଡ଼ିଆ ପର୍ଯ୍ୟନ୍ତ ଶହଶହ ବର୍ଷର ପୁରୁଣା ଗଛ ଉପୁଡ଼ି ପଡ଼ିଥିବା ଦେଖାଯାଇଛି। ଲୋକେ ଖରା ଦାଉରୁ ରକ୍ଷା ପାଇବାକୁ ବିଭିନ୍ନ କୌଶଳ ଆପଣାଇ ଥିବା ବେଳେ ଝଡ଼ର ସାମ୍ନା କରିଛନ୍ତି।

## ଅଗ୍ନିବିପନ୍ନ ପରିବାରକୁ ଭେଟିଲେ ରାଜସ୍ୱ ମନ୍ତ୍ରୀ

**ପ୍ରୀତିପୁର,୧୫।୬(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ୍ ପ୍ରୀତିପୁର ପଞ୍ଚାୟତ ଅନ୍ତର୍ଗତ ପ୍ରୀତିପୁର ଗ୍ରାମର ବଳରାମ ସାହୁଙ୍କ ଘରେ ଗତ ବୁଧବାର ରାତିରେ ଅଗ୍ନିକାଣ୍ଡ ଘଟି ତାଙ୍କର ୪ ବଖରା ଘର ଜଳିଯାଇଛି। ଏହି ଖବର ପାଇବା ପରେ ବୁଧବାର ବିଞ୍ଝାରପୁର ବିଧାୟିକା ତଥା ରାଜସ୍ୱ ଓ ବିପର୍ଯ୍ୟୟ ପ୍ରଶମନ ବିଭାଗ ମନ୍ତ୍ରୀ ପ୍ରମିଳା ମଲ୍ଲିକ ବିପନ୍ନ ପରିବାରକୁ ଭେଟି ସମବେଦନା ଜଣାଇବା ସହ ତୁରନ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି।



ପ୍ରମିଳା ମଲ୍ଲିକ ବିପନ୍ନ ପରିବାରକୁ ଭେଟୁଛନ୍ତି।

## ସ୍ମୃତି ମନେ ପକାଇଲେ ପୁରାତନ ଛାତ୍ରୀଛାତ୍ର

**ବରୀ,୧୫।୬(ଡି.ଏନ.ଏ.)**

ବରୀ ବ୍ଲକ ଅଧୀନ ବାଲିଆପାଳ ବିଧାନ ଚନ୍ଦ୍ର ଏକାଡେମୀର ୧୯୯୭ ମାଟ୍ରିକ ବ୍ୟାଚ୍ ଛାତ୍ରୀଛାତ୍ରଙ୍କ ଏକ ବନ୍ଧୁମିଳନ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଯେଉଁ ସ୍ଥାନରେ ଅବସ୍ଥାପିତ ହୋଇଥାନ୍ତୁ ନା କାହିଁକି ସେମାନଙ୍କ ଉପରେ ମା'ବାପା ଓ ଗୁରୁମାନଙ୍କ ଆଶୀର୍ବାଦ ରହିଥାଏ ବୋଲି କାର୍ଯ୍ୟକ୍ରମରେ ଯୋଗଦେଇ ଏହି ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ନିରଞ୍ଜନ ସାହୁ ମତ ରଖିଥିଲେ। ଛାତ୍ରୀଛାତ୍ର ବିଦ୍ୟାଳୟ ପ୍ରାକ୍ତନ ଶିକ୍ଷୟିତ୍ରୀଶିକ୍ଷକ ଏବଂ କାର୍ଯ୍ୟରତ ଶିକ୍ଷୟିତ୍ରୀଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ ଓ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। ବନ୍ଧୁ ମିଳନରେ ପ୍ରଧାନଶିକ୍ଷକ ସୀତାକାନ୍ତ ପଣ୍ଡା ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅବସରପ୍ରାପ୍ତ ଶିକ୍ଷକ ଶଙ୍କର୍ଷଣ କର, ଅବଦୁଲ ଖଲିକ୍, ମହେନ୍ଦ୍ର ବିଶ୍ୱାଳ, ଅକ୍ଷୟ ଷଡ଼ଙ୍ଗୀ, ଅଶୋକ କୁମାର ବାରିକ ଓ ଶିକ୍ଷକ ଜ୍ୟୋତିକୃଷ୍ଣ ଓଝା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କ ସହ ପୁରୁଣା ସ୍ମୃତିକୁ ମନେ ପକାଇଥିଲେ। କାର୍ଯ୍ୟକ୍ରମ ଆରମ୍ଭରୁ ଦିଂବଗତ ଶିକ୍ଷକ ମଧୁସୂଦନ ପତି ଓ ହରିହର ଦାସଙ୍କ ସମେତ ସହପାଠୀ ପ୍ରମୋଦ ସ୍ୱାଇଁ, ଦିଲୀପ ଦାସ, କାର୍ତ୍ତିକ ଘଡ଼ାଇଙ୍କ ଉଦ୍ଦେଶ୍ୟରେ ଏକ ମିନିଟ୍ ପାଇଁ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ବ୍ୟାଚ୍‌ର ଛାତ୍ର ଡାକ୍ତର ବିଶ୍ୱରଞ୍ଜନ କର, ହିମାଂଶୁ ଦାସ, ସୁଶାନ୍ତ କବି, ଜୟନ୍ତ ବିଶ୍ୱାଳ, ମନୋଜ ପୃଷ୍ଟି, ଅଲେଖ ଚନ୍ଦ୍ର ମଲିକ, ଜିତେନ୍ଦ୍ର ମଲିକ, ଅସିତ ସାହୁ, ନରହରି ପୃଷ୍ଟି, ସଂଗ୍ରାମ ଦାସ, ରମେଶ ବେହେରା, ରମେଶ ପୃଷ୍ଟି, କଳ୍ପନା ଦାସ, ହେମାମାଳିନୀ ସାହୁ, ସନୋବର ସାହିନ, ସସ୍ମିତା ମହାନ୍ତି, ରଶିଦା ଖାତୁନ, ବିଜୟଲକ୍ଷ୍ମୀ ପରିଡ଼ା ଓ ସାଗରିକା ମହାନ୍ତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ।





ବନ୍ଧୁମିଳନରେ ସାମିଲ ହୋଇଥିବା ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକ।

## ଶୁଭଶ୍ରୀ ହେଲେ ଧର୍ମଶାଳା ରଜ କୁଇନ୍

**ଧର୍ମଶାଳା,୧୫।୬(ଡି.ଏନ.ଏ.)**

କଳ୍ପତରୁ ଦାସ ନ୍ୟାଶନାଲ ଫାଉଣ୍ଡେଶନ ପକ୍ଷରୁ ଧର୍ମଶାଳା ଗାର୍ଲସ ୱିଙ୍ଗ ତତ୍ତ୍ୱାବଧାନରେ ଚାଲିଥିବା ରଜ କୁଇନ୍ ପ୍ରତିଯୋଗିତାର ଫାଇନାଲ ରାଉଣ୍ଡ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଧର୍ମଶାଳା ବ୍ଲକ ଅଧୀନ ଜାରକା ଷ୍ଟାଡିୟମଠାରେ ଚାଲିଥିବା ଏହି ପ୍ରତିଯୋଗିତାରେ ଚଳିତଥର ଉକ୍ତ ବ୍ଲକ କୁମାରୀ ପଞ୍ଚାୟତ ପଣ୍ଡୁଆ ଗ୍ରାମର ଶୁଭଶ୍ରୀ ରାଉତ ରଜ କୁଇନ୍ ଭାବେ ବିବେଚିତ ହୋଇଛନ୍ତି। ଧର୍ମଶାଳା ବ୍ଲକର ବିଭିନ୍ନ ସ୍ଥାନରେ ୨ ମାସ ଧରି ଚାଲିଥିବା ପ୍ରତିଯୋଗିତାରେ ମୋଟ୍ ୧୭୬୭ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ପ୍ରଥମ ରାଉଣ୍ଡରେ ୧୨୦ ପ୍ରତିଯୋଗୀ ଚୟନ ହୋଇଥିବା ବେଳେ ଦ୍ୱିତୀୟ ରାଉଣ୍ଡରେ ୩୦ଜଣ ଚୟନ ହୋଇଥିଲେ। ତୃତୀୟ ରାଉଣ୍ଡରେ ୩୦ଜଣ ପ୍ରତିଯୋଗୀଙ୍କ ମଧ୍ୟରୁ ୧୨ଜଣ ଫାଇନାଲ ରାଉଣ୍ଡକୁ ମନୋନୀତ ହୋଇଥିଲେ।

ଦ୍ୱିତୀୟ ରଜରେ ଅନୁଷ୍ଠିତ ଫାଇନାଲ ରାଉଣ୍ଡରେ ବିଚାରକ ଭାବେ ଚଳଚ୍ଚିତ୍ର ଅଭିନେତ୍ରୀ ଉଷାସୀ ମିଶ୍ର, ଏଲିନା ଦାସ, ସଙ୍ଗୀତ ନିର୍ଦ୍ଦେଶକ ଜାପାନୀ ଭାଇ, ଖବରଦାତା ମାନସ ରଞ୍ଜନ ଜେନା ଓ ଅବିନେଶ୍ୱର ଶତପଥୀ ଯୋଗ ଦେଇଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ବିଭାଗ ମନ୍ତ୍ରୀ ଟୁକୁନି ସାହୁ, ସମ୍ମାନିତ ଅତିଥି ଭାବେ ବିଧାୟକ ପ୍ରଣବ କୁମାର ବଳବନ୍ତରାୟ ଯୋଗଦେଇ ରଜ କୁଇନ୍ ବିଜେତାଙ୍କୁ ମୁକୁଟ ଓ ଟ୍ରଫି ସହ ଏକ ସ୍କୁଟି ପ୍ରଦାନ କରିଥିଲେ। ଅତିଥିମାନେ ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିବା ସହିତ ଗାଁଗହଳିରେ ଲୁଚି ରହିଥିବା ପ୍ରତିଭାଙ୍କୁ ତାଙ୍କ ପ୍ରତିଭା ପ୍ରଦର୍ଶନ କରିବାର ଏକ ପ୍ଲାଟଫର୍ମ ବୋଲି ମତବ୍ୟକ୍ତ କରିଥିଲେ। ଚଳିତଥର ଧର୍ମଶାଳା ରଜ କୁଇନ୍ ପ୍ରତିଯୋଗିତାରେ ବକ୍ତୃତା, ନୃତ୍ୟ, ଗୀତ, ରାମ୍ପୱାକ୍, ସାଧାରଣ ଜ୍ଞାନ ଆଦି ୫ଟି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଶ୍ରେଷ୍ଠ ବିଜେତା ଭାବେ ବକ୍ତୃତାରେ ଅର୍ଘ୍ୟରୂପା ନାୟକ, ନୃତ୍ୟରେ ଶୁଭଶ୍ରୀ ରାଉତ ଓ ସୁଭଦ୍ରା ବାରିକ, ଗୀତରେ ସାଇଶ୍ରଦ୍ଧା ସ୍ୱାଇଁ ଏବଂ ରାମ୍ପୱାକ୍‌ରେ ଶୁଚିସ୍ମିତା ରାୟ ମନୋନୀତ ହୋଇଥିଲେ। ଏମାନଙ୍କୁ ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ କଳ୍ପତରୁ ଦାସଙ୍କ ସ୍ତ୍ରୀ ପ୍ରତିମା ଦାସ ୫୦୦୦ ଟଙ୍କା ଲେଖାଏ ଅର୍ଥରାଶି ସହିତ ପ୍ରମାଣପତ୍ର ଓ ଟ୍ରଫି ପ୍ରଦାନ କରିଥିଲେ। ଅନ୍ୟ ଅତିଥିଙ୍କ ମଧ୍ୟରେ ଯାଜପୁର ଜିଲା ପରିଷଦ ସଭାପତି ନଳିନୀପ୍ରଭା ଯେନା, ଉପସଭାପତି ଗଣେଶ୍ୱର ବରାଳ, ଧର୍ମଶାଳା ବ୍ଲକ୍ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ, ବ୍ଲକ୍ ଉପାଧ୍ୟକ୍ଷା ବିଶ୍ୱବିଜୟିନୀ ମିଶ୍ର, ରସୁଲପୁର ବ୍ଲକ୍ ଅଧ୍ୟକ୍ଷ ଅରୁଣ କୁମାର ରାଉତ ଓ ବ୍ଲକ୍ ଉପାଧ୍ୟକ୍ଷା ଜୟନ୍ତୀ ଦାସ ଯୋଗଦେଇଥିଲେ। ଧର୍ମଶାଳା ବ୍ଲକ୍‌ର ସମସ୍ତ ସରପଞ୍ଚ, ସମିତିସଭ୍ୟାସଭ୍ୟ, ଜିଲା ପରିଷଦ ସଭ୍ୟ ଜଳଧର ମହାନ୍ତି, ସୁଧାଂଶୁ ଭୂଷଣ ସାହୁ, ସଭ୍ୟା ପ୍ରଣତୀ ଲେଙ୍କା, ସ୍ମୃତିରେଖା ବେହେରା, ଧର୍ମଶାଳା ଯୁବ ବିଜେଡି ସଭାପତି କ୍ଷିତୀଶ କୁମାର ନାୟକ, ମହିଳା ସଭାନେତ୍ରୀ ବିଶ୍ୱବନ୍ଦନା ଜେନା, ଛାତ୍ର ସଭାପତି ଜଗଦାନନ୍ଦ ରାଉତ, ଯୁବ, ଛାତ୍ର, ମହିଳା ଓ ଗାର୍ଲସ ୱିଙ୍ଗର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ।



ରଜ କୁଇନ ବିଜେତାଙ୍କୁ ଅତିଥି ଟ୍ରଫି ସହ ଉପହାର ପ୍ରଦାନ କରୁଛନ୍ତି।

## ସଂକ୍ଷେପରେ

### ଗାଁରେ ବଞ୍ଚିରହିଛି ଓଡ଼ିଶା ସଂସ୍କୃତି

**ନିଶ୍ଚିନ୍ତକୋଇଲି,୧୫।୬(ସ୍ୱ.ପ୍ର.):** କଟକ ଜିଲା ନିଶ୍ଚିନ୍ତକୋଇଲି ବ୍ଲକର ପୁରପଲ୍ଲୀରେ ରଜ ମହୋତ୍ସବ ଅନୁଷ୍ଠିତ ହେଉଛି। ଗାଁ ଗାଁରେ ପାରମ୍ପରିକ ନୃତ୍ୟଗୀତ ସାଙ୍ଗକୁ କବାଡି, ଲୁଡୁ ଓ ତାସଖେଳର ନଜିର ଦେଖିବାକୁ ମିଳିଛି। ଗ୍ରାମାଞ୍ଚଳର ନଦୀପଠା, ଆମ୍ବ ତୋଟାରେ ପାରମ୍ପରିକ ଦୋଳି ଦେଖିବାକୁ ମିଳିଛି। ମହିଳା ଓ କୁମାରୀମାନେ ଦଳ ଦଳ ହୋଇ ଗାଁ ବୁଲି ଦୋଳି ଖେଳିବା ସହ ପାରମ୍ପରିକ ପିଠା ଓ ରଜପାନ ଖାଇ ମଜା ନେଉଛନ୍ତି। ବିଭିନ୍ନ ସ୍ଥାନରେ ରଜ ମହୋତ୍ସବ ଓ ରଜ ରାଜକୁମାରୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି। ବୁଧବାର ରଜ ସଂକ୍ରାନ୍ତିରେ ବ୍ଲକର ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ, ହରଚଣ୍ଡୀ ପୀଠ, ସିଦ୍ଧଦେବୀ ପୀଠ, ରଘୁନାଥ ମନ୍ଦିର ପ୍ରମୁଖରେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ସରପଡା ପଞ୍ଚାୟତ ସାଧୁପୁର ଗାଁରେ ପାରମ୍ପରିକ ସିଡି ଦୋଳି, ଚରକି ଦୋଳି, ପଟା ଦୋଳିର ବ୍ୟବସ୍ଥା କରାଯାଇଛି। ସେହିପରି ଭାବେ ବଡକ୍ଷୀର ପଞ୍ଚାୟତ ଗୋପପୁର ଗାଁର ଭଗବତୀ ନିକଟରେ ରଜ ମାହାତ୍ସବ ଓ ରାଜ କୁମାରୀ ପ୍ରତିଯୋଗିତା କରାଯାଇଛି। ବିଭିନ୍ନ ନୃତ୍ୟ ଗୀତକୁ ନେଇ ଏହି ପ୍ରତିଯୋଗିତା ହୋଇଥିଲା। ସେହିପରି ନିଶ୍ଚିନ୍ତକୋଇଲି ପଞ୍ଚାୟତ ଅହମ୍ମଦ ବକ୍ସ ଉଚ୍ଚ ବିଦ୍ୟାଳୟ ଖେଳପଡିଆରେ ରଜ ମହୋତ୍ସବ ୨୦୨୨ ପାଳିତ ହୋଇଯାଇଛି। ଦୌଡି ଡିଆଁ, ପୁଚି, ହୁଳହୁଳି, ଝୋଟି, ମିଉଜିକ୍ ଚେୟାର ଓ ନୃତ୍ୟଗୀତ ପ୍ରତିଯୋଗିତା କରାଯାଇଛି। ଏଥିସହ ଦାଉଦପୁର, ଝାଡେଶ୍ୱରପୁର, ବୁହାଳରେ ମଧ ରଜ ମହୋତ୍ସବ ଅନୁଷ୍ଠିତ ହେଉଛି।

### ବଜ୍ରପାତରେ ୩ ଗୋରୁ ମୃତ

**ତିଗିରିଆ, ୧୫।୬ (ଡି.ଏନ୍.ଏ.):** ତିଗିରିଆ ଅଞ୍ଚଳରେ ବୁଧବାର ଅପରାହ୍ନରେ କାଳବୈଶାଖୀ ଜନିତ ବର୍ଷା ଘଡ଼ଘଡ଼ି ହୋଇଥିଲା। ବାଲିପୁଟ ପଞ୍ଚାୟତର ବାଣେଶ୍ୱରପଡ଼ା ଗାଁ ନିକଟସ୍ଥ ବିଲରେ ଗୋରୁ ଚରୁଥିବାବେଳେ ଅପରାହ୍ନ ୨ଟାରେ ବଜ୍ରପାତରେ ୩ଟି ଗୋରୁ ମରି ପଡିଥିବା ଦେଖିବାକୁ ମିଳିଛି। ଗୋରୁ ମରି ପଡ଼ିଥିଲେ ହେଁ ସନ୍ଧ୍ୟା ସୁଦ୍ଧା କାହାର ବୋଲି କେହି ଦାବି କରିନାହାନ୍ତି।

# ନାବାଳକଙ୍କ ମୃତ୍ୟୁକୁ ନେଇ ବିବାଦ

**କୁଜଙ୍ଗ,୧୫।୬ (ଡି.ଏନ୍.ଏ.)**


ରାହୁଲ

- ହତ୍ୟା ଅଭିଯୋଗ ଆଣିଲେ ଅଜା
- ପୋଲିସକୁ ବାପାଙ୍କ ସୂଚନା, ପୁଅ ଆତ୍ମହତ୍ୟା କରିଛି
- ସାବତ ମା'କହିଲେ, ଗଛ ତଳେ ପଡ଼ିଥିଲା ମୃତଦେହ

ଜଗତ୍‌ସିଂହପୁର ଜିଲା ଅଭୟଚାନ୍ଦପୁର ଥାନା ଅନ୍ତର୍ଗତ ତ୍ରିଲୋଚନପୁର ଗାଁର ମକର ବେହେରାଙ୍କ ନାବାଳକ ପୁଅ ରାହୁଲ(୧୬)ଙ୍କ ମଙ୍ଗଳବାର ରାତିରେ ମୃତ୍ୟୁ ଘଟିଛି। ହେଲେ ତାଙ୍କ ମୃତ୍ୟୁକୁ ନେଇ ସନ୍ଦେହ ପ୍ରକାଶ ପାଇଛି। ଗଳାରେ ରଶି ବାନ୍ଧି ରାହୁଲ ଆତ୍ମହତ୍ୟା କରିଥିବା ମକର ଥାନାରେ ଅଭିଯୋଗ କରିଛନ୍ତି। ହେଲେ ତାଙ୍କ ସାବତ ମା' କୁନି କହିଛନ୍ତି, ମୃତଦେହ ଏକ ଗଛ ତଳେ ପଡିଥିଲା। ମା' ବାପାଙ୍କ ଏପରି ଭିନ୍ନ ମତକୁ ନେଇ ବିବାଦ ସୃଷ୍ଟି ହୋଇଛି। ପାରିପାର୍ଶ୍ୱିକ ସ୍ଥିତି ତଥା ଏହି ଦମ୍ପତିଙ୍କ ଭିନ୍ନ ମତକୁ ଅନୁଧ୍ୟାନ କଲେ ରାହୁଲ ଆତ୍ମହତ୍ୟା କରିନାହାନ୍ତି, ତାଙ୍କୁ ହତ୍ୟା କରାଯାଇଛି ବୋଲି ଗ୍ରାମବାସୀ କହୁଥିବା ଚର୍ଚ୍ଚାର ବିଷୟ ହୋଇଛି। ଅନ୍ୟପକ୍ଷେ ରାହୁଲଙ୍କ ଅଜା ଅଭୟଚାନ୍ଦପୁର ଥାନାରେ ପହଞ୍ଚି ତାଙ୍କ ନାତିଙ୍କୁ ହତ୍ୟା କରାଯାଇଛି ବୋଲି ଅଭିଯୋଗ କରିଛନ୍ତି ।

ସୂଚନା ଅନୁଯାୟୀ, ମକରଙ୍କ ପ୍ରଥମ ସ୍ତ୍ରୀଙ୍କ ୨ ପୁଅ ରାଜେଶ ଓ ରାହୁଲ। ବଡ଼ପୁଅ ରାଜେଶ କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳତାଙ୍ଗ ଗାଁ ମାମୁ ଘରେ ରୁହନ୍ତି। ସାନପୁଅ ରାହୁଲ ବାପା ମକର ଓ ସାବତ ମା' କୁନିଙ୍କ ସହ ନିଜଘର ତ୍ରିଲୋଚନପୁରରେ ରୁହନ୍ତି। ମଙ୍ଗଳବାର ସନ୍ଧ୍ୟାରେ କୌଣସି କାରଣକୁ ନେଇ ମକରଙ୍କ ସହ ପୁଅ ରାହୁଲଙ୍କ ପାଟିତୁଣ୍ଡ ହୋଇଥିଲା। ଏହାପରେ ରାହୁଲ ଘରୁ ବାହାରକୁ ଚାଲି ଯାଇଥିଲେ। ରାତି ୧୦ଟା ସୁଦ୍ଧା ସେ ଆଉ ଘରକୁ ଫେରି ନ ଥିଲେ। ମକର ଓ କୁନି ତାଙ୍କୁ ବହୁ ଖୋଜାଖୋଜି କରିଥିଲେ ମଧ ପାଇ ନ ଥିଲେ। ବୁଧବାର ସକାଳେ କୁନି ଘର ନିକଟ ସ୍କୁଲ ଓ ଅଙ୍ଗନୱାଡ଼ି ହତାକୁ ଯାଇଥିଲେ। ରାହୁଲ କାଳେ ସ୍କୁଲ ବାରଣ୍ଡାରେ ଶୋଇପଡିଥିବ ସେ ଭାବିଥିଲେ। ହେଲେ ଅଙ୍ଗନୱାଡି କେନ୍ଦ୍ରକୁ ଲାଗିଥିବା ଏକ ବେଲ ଗଛ ତଳେ ରାହୁଲ ପଡିଥିଲେ। ଏ ସମ୍ପର୍କରେ କୁନି ମକରଙ୍କୁ ଜଣାଇଥିଲେ। ମକର ସେଠାରେ ପହଞ୍ଚି ଦେଖିଲା ବେଳକୁ ରାହୁଲଙ୍କ ମୃତ୍ୟୁ ଘଟି ସାରିଥିଲା। ମୃତଦେହ ଘରକୁ ଆଣିବା ପରେ ମକର ଥାନାକୁ ଖବର ଦେଇଥିଲେ, ତାଙ୍କ ପୁଅ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ଏ ନେଇ ଥାନାରେ ଏକ ଅପମୃତ୍ୟୁ ମାମଲା(ନଂ.୧/୨୦୨୨) ରୁଜୁ କରାଯାଇଛି। ପୋଲିସ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୃତଦେହ ବ୍ୟବଚ୍ଛେଦ କରାଇବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

ଏ ନେଇ ସାବତ ମା' କୁନି କହିଛନ୍ତି, ରାହୁଲ ପଛକୁ ଗୋଡ଼ ଭାଙ୍ଗି ଗଛ ତଳେ ପଡିଥିଲା। ସେ ମକରଙ୍କୁ ଖବର ଦେଇଥିଲେ। ରାହୁଲଙ୍କ ମୃତଦେହକୁ ଘରକୁ ଆଣିଲା ପରେ ତା' ବେକରେ ରଶି ଦାଗ ଥିଲା। ବେକରେ ରଶି ବାନ୍ଧି ଯଦି ରାହୁଲ ଆତ୍ମହତ୍ୟା କରିଥିଲେ, ତେବେ ମୃତଦେହ ଗଛରେ ଝୁଲି ରହିଥାଆନ୍ତା। ମୃତଦେହ ତଳେ ପଡିଲା କିପରି ବୋଲି ପ୍ରଶ୍ନ କରିବାରୁ ମୁଁ ଏ ସଂକ୍ରାନ୍ତରେ କିଛି କହିପାରିବି ନାହିଁ ବୋଲି ସେ କହିଥିଲେ। ମୃତଦେହ ଗଛତଳେ ପଡିଥିବା କୁନି କହୁଥିବା ବେଳେ, ରଶି ଲଗାଇ ପୁଅ ଆତ୍ମହତ୍ୟା କରିଛି ବୋଲି ବାପା ମକର ପୋଲିସକୁ ସୂଚନା ଦେବା ଘଟଣା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ସମ୍ପର୍କରେ ଅଭୟଚାନ୍ଦପୁର ଥାନା ସବ୍‌ଇନ୍ସପେକ୍ଟର ଶ୍ୱେତପଦ୍ମା ଦାଶ କହିଛନ୍ତି, ମକରଙ୍କ ଅଭିଯୋଗକୁ ଭିତ୍ତିକରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ତଦନ୍ତ ଜାରି ରହିଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ଏହା ଆତ୍ମହତ୍ୟା କି ହତ୍ୟା ସ୍ପଷ୍ଟ ହେବ। ଅନ୍ୟପକ୍ଷେ ଗ୍ରାମବାସୀ କହିଛନ୍ତି, ରାହୁଲଙ୍କ ପାଟି ଓ କାନମୁଣ୍ଡାରୁ ରକ୍ତ ବାହାରୁ ଥିଲା। ବାପା ଓ ସାବତ ମା' ପିଟି ପିଟି ତାଙ୍କୁ ହତ୍ୟା କରିଛନ୍ତି। ମକର ତାଙ୍କ ପ୍ରଥମ ସ୍ତ୍ରୀ ମମତାଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଦଣ୍ଡିତ ହୋଇ ୪ ବର୍ଷ ଜେଲରେ ଥିଲେ ବୋଲି ଗ୍ରାମବାସୀ କହିଛନ୍ତି। ଅନ୍ୟପକ୍ଷେ ରାହୁଲଙ୍କ ଅଜା ତଥା କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ଥାନା ଅନ୍ତର୍ଗତ ଅଳତାଙ୍ଗ ଗ୍ରାମ କରୁଣାକର ସେଠୀ ଅଭୟଚାନ୍ଦପୁର ଥାନାରେ ପହଞ୍ଚି ତାଙ୍କ ନାତିକୁ ହତ୍ୟା କରାଯାଇଥିବା ଅଭିଯୋଗ କରିଛନ୍ତି।

# କୂଅରୁ ବଜ୍ରକାପ୍ତା ଉଦ୍ଧାର


ଉଦ୍ଧାର ହୋଇଥିବା ବଜ୍ରକାପ୍ତା।

**ତିଗିରିଆ, ୧୫।୬ (ଡି.ଏନ୍.ଏ.)**

ବଡମ୍ବା ଥାନା ଅନ୍ତର୍ଗତ ହରିଠା ଗାଁର ଏକ କୂଅରୁ ବୁଧବାର ଗୋଟିଏ ବଜ୍ରକାପ୍ତାକୁ ଉଦ୍ଧାର କରାଯାଇଛି। ଖବର ଅନୁଯାୟୀ, ଗାଁର ରସାନନ୍ଦ ସାହୁ ତାଙ୍କ ବିଲରେ ଥିବା କୂଅରୁ ପରିବା ଫସଲରେ ପାଣି ମଡ଼ଇବା ପାଇଁ ବୁଧବାର ସକାଳ ସାଢେ ୫ଟାରେ ଯାଇ ପହଞ୍ଚିଥିଲେ। ସେ କୂଅ ଭିତରେ ଏକ ବଜ୍ରକାପ୍ତା ଥିବା ଦେଖି ତାକୁ ଉଦ୍ଧାର କରି ତିଗିରିଆ ବନପାଳଙ୍କୁ ଖବର ଦେଇଥିଲେ। ତିଗିରିଆ ବନପାଳ ରାକେଶ କୁମାର ପ୍ରଧାନ ହରିଠା ଗାଁରେ ପହଞ୍ଚି ତାକୁ ଭୁବନେଶ୍ୱର ନନ୍ଦନକାନନ ଓ ଓୟୁଏଟି ନେଇଥିଲେ। ସେଠାରେ କର୍ମଚାରୀ ରଜ ଛୁଟି ଯୋଗୁ ନ ଥିବାରୁ ବଜ୍ରକାପ୍ତାକୁ ଫେରେଇ ଆଣି ବନପାଳ ପ୍ରଧାନ କାର୍ଯ୍ୟାଳୟରେ ରଖିଛନ୍ତି। ଗୁରୁବାର ବଜ୍ରକାପ୍ତାର ଡାକ୍ତରୀ ପରୀକ୍ଷା ପରେ ନରସିଂହପୁର ଜଙ୍ଗଲରେ ଛଡାଯିବ ବୋଲି ସେ କହିଛନ୍ତି।

# ମିଳନ ସମାବେଶ



**ସିଂହପୁର,୧୫।୬(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ କପିଳା ପଞ୍ଚାୟତ ତାଲୁକପଡା ଗ୍ରାମରେ ଅମୃତ ସନ୍ତାନ ପକ୍ଷରୁ ଏକ ମିଳନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଚାରି ଦଶନ୍ଧି ପୂର୍ବରୁ ଆଜି ପର୍ଯ୍ୟନ୍ତ ଗ୍ରାମର ଝିଅମାନଙ୍କୁ ନେଇ ଏହି କାର୍ଯ୍ୟକମ ଆୟୋଜନ କରାଯାଇଥିଲା। ଏଥିରେ ବିବାହିତ ମହିଳାଙ୍କଠାରୁ ବାଳିକା ପର୍ଯ୍ୟନ୍ତ ବିଭିନ୍ନ ବୟସର ମହିଳା ସାମିଲ ହୋଇଥିଲେ। ଉର୍ବଶୀ ଦାଶଙ୍କ ଦ୍ୱାରା ଆୟୋଜିତ ସମାବେଶକୁ ଶିକ୍ଷାବିତ ପୂର୍ଣ୍ଣଚନ୍ଦ୍ର ପଣ୍ଡା ପ୍ରତ୍ୟକ୍ଷ ଭାବେ ପରିଚାଳନା କରିଥିଲେ। ଅବଳା ସଲିଳା, ସଂଯୁକ୍ତା, ସରଳା, ଶୁପ୍ରଭା, ନିବେଦିତା, ଜାନକୀ, ମିନତୀ, ରଞ୍ଜିତା ପ୍ରମୁଖ ଯୋଗଦେଇ ସହଯୋଗ କରିଥିଲେ।


ବରୀ ବ୍ଲକ ଅଧୀନ ରମ୍ଭା ପଞ୍ଚାୟତରେ ବୁଧବାର ବିଧାୟିକା ସୁନନ୍ଦା ଦାସ ସ୍ଥାନୀୟ ମହିଳା ଓ ଛୋଟ ପିଲାଙ୍କ ସହ ରଜ ଦୋଳି ଖେଳୁଛନ୍ତି।

# ଖୋଲା ବଜାରରେ ମିଳୁଛି ରଙ୍ଗମିଶା ଲିଚୁ

**ଯାଜପୁର ଟାଉନ,୧୫।୬(ଡି.ଏନ୍.ଏ.)**

## ଖାଦ୍ୟ ନିରାପତ୍ତା ବିଭାଗର ନିଘାନାହିଁ

୪ ମାସ ଧରି ଲିଚୁକୋଳି ବଜାରକୁ ଆସିବା ପରେ ଏହାର ଚାହିଦା ବେଶ୍ ବୃଦ୍ଧିପାଇଛି। ତେବେ ଏହି କୋଳି କେତେ ଯେ ବିଷାକ୍ତ ତାହା ନ ଦେଖିଲେ ବିଶ୍ୱାସ କରିହେବ ନାହିଁ। ଏବେ ରଜ ବଜାରରେ ଫଳ ବେପାର ଜମୁଛି। କିଛିଦିନ ପୂର୍ବରୁ ଅନୁରୂପ ବ୍ୟବସାୟ ସାବିତ୍ରୀ ବ୍ରତରେ ହୋଇଥିଲା। ତେବେ ଯାଜପୁର ଜିଲା ସଦର ମହକୁମାଠାରୁ ଆରମ୍ଭ କରି ବ୍ୟାସନଗର, ବିଞ୍ଝାରପୁର, ସିଂହପୁର, ମଙ୍ଗଳପୁର, ଝୁମ୍ପୁରି, ପାଣିକୋଇଲି, ଢୁବୁରି, ଦାନଗଦୀ(କଳିଙ୍ଗନଗର), ବାଲିଚନ୍ଦ୍ରପୁର, କୁଆଖିଆ, ହରିପୁର, ଜାରକା, ବରୀ, ଚଣ୍ଡିଖୋଲ ସମେତ ସହରରୁ ଆରମ୍ଭ କରି ଗ୍ରାମାଞ୍ଚଳ ଯାଏ ରଙ୍ଗମିଶା ଫଳର ଅବାଧ କାରବାର ଚାଲିଛି।

ବିଶେଷକରି ରାଜ୍ୟ ବାହାରୁ ଆସୁଥିବା ଲିଚୁ କୋଳିରେ ବିଷାକ୍ତ ନାଲିରଙ୍ଗ ମିଶାଯାଇ ଗ୍ରାହକଙ୍କୁ ଆକୃଷ୍ଟ କରାଯାଉଛି। ରଙ୍ଗମିଶା ପୂର୍ବରୁ କିଲୋ ପିଛା ଏହା ୧୦୦ ଟଙ୍କାରେ ବିକ୍ରି କରାଯାଉଥିବା ବେଳେ ରଙ୍ଗ ମିଶାଇ ଦେଇ ୧୫୦ ଟଙ୍କା ବୋଲି ଦୋକାନୀ ଦାବି କରୁଛନ୍ତି। ଜିଲା ସଦର ମହକୁମା, ସହରର ଗାନ୍ଧୀଛକ, ଡେଲି ମାର୍କେଟ ଛକ ଓ ବିରଜାହାଟରେ ବଡ଼ ଫଳ ମାର୍କେଟ ରହିଛି। ଏସବୁ ସ୍ଥାନରେ ରଙ୍ଗ ମିଶା ଲିଚୁ କୋଳି ସାଙ୍ଗକୁ ପଚା, ଶଢ଼ା ଏବଂ କେମିକାଲ ମିଶା ଫଳ ବିକ୍ରି କରାଯାଉଛି। ଫଳକୁ ସଂରକ୍ଷିତ କରି ରଖିବା ପାଇଁ ରାସାୟନିକ ଦ୍ରବଣ ସ୍ପ୍ରେ କରାଯାଇଥାଏ। ବିଷାକ୍ତ ରାସାୟନିକ ଦ୍ରବଣ ସିଞ୍ଚନ ପରେ ଫଳ ୧ ସପ୍ତାହରୁ ୨ ସପ୍ତାହ ପର୍ଯ୍ୟନ୍ତ ଅକ୍ଷତ ଅବସ୍ଥାରେ ରହିପାରେ। ବିଷାକ୍ତ ଦ୍ରବଣ ସ୍ପ୍ରେ ନ କଲେ ସଜ ଫଳଗୁଡ଼ିକ ଶୀଘ୍ର ନଷ୍ଟ ହୋଇଯାଇଥାଏ ଏବଂ ତାହାକୁ ଅଧାରୁ କମ୍ ମୂଲ୍ୟରେ ବିକ୍ରି କରାଯାଇଥାଏ। କିନ୍ତୁ ଅଳ୍ପ କିଛି ପଇସାରେ ବିଷାକ୍ତ ଦ୍ରବଣ ମିଳିଯାଉଥିବାରୁ ଲୋକଙ୍କ ସ୍ୱାସ୍ଥ୍ୟ ବିଷୟ ଚିନ୍ତା ନ କରି ଖାଦ୍ୟ ଲାଇସେନ୍ସ କରି ନ ଥିବା ଏହି ବେଆଇନ ବ୍ୟବସାୟ ପ୍ରତିଷ୍ଠାନ ତଥା ଉଠା ଦୋକାନୀଗୁଡ଼ିକ ଅନାୟାସରେ ଲୋକଙ୍କୁ ଫଳ ବିକ୍ରି ଆଳରେ ରୋଗ ବାଣ୍ଟୁଛନ୍ତି। ତେବେ ବିଡ଼ମ୍ବନାର ବିଷୟ ହେଲା ଗାନ୍ଧୀଛକ ଓ ମେଡିକାଲ ଛକ ଫଳ ମାର୍କେଟର ମାତ୍ର ୧୦୦ ମିଟର ମଧ୍ୟରେ ଖାଦ୍ୟ ନିରାପତ୍ତା ଅଧିକାରୀଙ୍କ କାର୍ଯ୍ୟାଳୟ। କିନ୍ତୁ ବିଭାଗୀୟ ଅଧିକାରୀ କେତେବେଳେ ବି କୌଣସି ଫଳ ଦୋକାନରେ ଅବା ମାଛ ମାଂସ ଦୋକାନରେ ଚଢ଼ାଉ କରୁଥିବା ଦେଖିବାକୁ ମିଳୁନାହିଁ। କେବଳ ବଡ଼ବଡ଼ ହୋଟେଲ ଓ ରେଷ୍ଟୁରାଣ୍ଟକୁ ଖାଦ୍ୟ ନିରାପତ୍ତା ଅଧିକାରୀ ଟାର୍ଗେଟ କରି ସେଠାରେ ଚଢ଼ାଉ ନାମରେ ଫଟୋ ଉଠାଇ ଏବଂ ବିଶେଷ ଉଦ୍ଦେଶ୍ୟରେ ଜରିମାନା କରି ଗଣମାଧ୍ୟମରେ ଚର୍ଚ୍ଚିତ ହେଉଥିବା ଅଭିଯୋଗ ହୋଇଛି। ଜିଲାରେ ଫଳ, ପନିପରିବା ଓ ଛୋଟ ଜଳଖିଆ ଦୋକାନରେ ଅତ୍ୟନ୍ତ ଅସ୍ୱାସ୍ଥ୍ୟକର ପରିବେଶରେ ଅପରିଚ୍ଛନ୍ନ ଓ ଅନୁପଯୋଗୀ ଖାଦ୍ୟ ଖୋଲାମେଲା କାରବାର ହେଉଥିଲେ ହେଁ ବିଭାଗୀୟ ଅଧିକାରୀ ନଜର ପକାଉ ନାହାନ୍ତି। ସେହିପରି ମାରାତ୍ମକ ପେଟ ରୋଗ ସୃଷ୍ଟିକାରୀ ରଙ୍ଗ ଓ ଏସନ୍ସ ଦିଆ ଶସ୍ତା ଆଇସ୍କ୍ରିମ, କୁଲ୍‌ଫି, ବିଭିନ୍ନ ପ୍ରକାର ଫଳର ସେକ୍‌ଗୁଡ଼ିକ ବିକ୍ରି କରାଯାଉଥିଲେ ମଧ ଖାଦ୍ୟ ନିରାପତ୍ତା ବିଭାଗ ଏ ସବୁ ଉପରେ କୌଣସି ଦିନ ଚଢ଼ାଉ କରୁଥିବା ଦେଖିବାକୁ ମିଳୁନାହିଁ। ତେଣୁ ଏ ଦିଗରେ ଉଚ୍ଚ କର୍ତ୍ତୃପକ୍ଷ ଓ ଜିଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହୋଇଛି। ଏ ସମ୍ପର୍କରେ ଜିଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ତ୍ରିପାଠୀଙ୍କ ମତାମତ ନିଆଯିବା ପାଇଁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବ ହୋଇପାରି ନାହିଁ।


ବଜାରରେ ବିକ୍ରି ହେଉଥିବା ରଙ୍ଗ ମିଶା ଫଳ।

# ଭୂତକୋଠିରୁ ଏବେ ଜବରଦଖଲ

**ପାରାଦୀପ ୧୫।୬(ସ୍ୱ.ପ୍ର.)**

## ପାରାଦୀପ ମତ୍ସ୍ୟ ବିଭାଗର କର୍ମଚାରୀ ନିବାସ



ପାରାଦୀପର ନେହେରୁବଙ୍ଗଳାରେ ରାଜ୍ୟ ସରକାରଙ୍କ ସାମୁଦ୍ରିକ ମତ୍ସ୍ୟ ବିଭାଗର ଏକ ଅଫିସ ଓ ୩୨ ଏକର ଜାଗାରେ କର୍ମଚାରୀ ନିବାସ ରହିଛି। ଉକ୍ତ ଅଫିସ ଓ କର୍ମଚାରୀ ନିବାସ ୨୦ ବର୍ଷ ହେଲା ଭୂତକୋଠି ପରି ପଡି ରହିଛି। ଉକ୍ତ ଘରକୁ ଏବେ କେତେଜଣ ଲୋକ ଜବରଦଖଲ କରିବାରେ ଲାଗି ପଡିଛନ୍ତି। ଯାହାକୁ ବିଭାଗ ପକ୍ଷରୁ ଏକ ପ୍ରକାର ପ୍ରୋତ୍ସାହନ ଦିଆଯାଉଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ପାରାଦୀପର ନେହେରୁବଙ୍ଗଳାଠାରେ ୧୯୬୦ ଦଶକରେ ମତ୍ସ୍ୟ ବିଭାଗ ପକ୍ଷରୁ ଉକ୍ତ ଅଫିସ ଓ କର୍ମଚାରୀ ନିବାସ କରାଯାଇଥିଲା। ସେଠାରେ ଅଫିସ ବ୍ୟତିରେକ ବରଫକଳ, ୩ଟି ପୋଖରୀ, ଯାତାୟାତ ପାଇଁ ଡଙ୍ଗା, ମତ୍ସ୍ୟଜୀବୀଙ୍କ ତାଲିମ ପାଇଁ କ୍ଷାରଜଳ ପ୍ରଶିକ୍ଷଣ କେନ୍ଦ୍ର, ସାମୁଦ୍ରିକ ମତ୍ସ୍ୟଜୀବୀଙ୍କ ସତର୍କତା ପାଇଁ ୱାର୍ଲେସ ଟାୱାର ଥିଲା। ସେତେବେଳେ ମତ୍ସ୍ୟ ବିଭାଗର ଅନେକ କର୍ମଚାରୀ ରହୁଥିଲେ। ସେଥିରୁ ଅଫିସରଙ୍କ ପାଇଁ ୧୩ଟି ସ୍ୱତନ୍ତ୍ର ଘର କରାଯାଇଥିଲା। ମାଛଧରା ବନ୍ଦର ଓ ହନୁମାନ ମନ୍ଦିର ପାଖରେ ଥିଲା। ୧୯୯୭/୯୮ରେ ପାରାଦୀପ ବନ୍ଦର ପୋତାଶ୍ରୟ ସମ୍ପ୍ରସାରଣ ବେଳେ ମାଛଧରା ବନ୍ଦର ନେହେରୁବଙ୍ଗଳା ମହାନଦୀ ମୁହାଣ ପାଖକୁ ସ୍ଥାନାନ୍ତର କରାଯାଇଥିଲା। ୪୯ ଏକର ଜାଗାରେ ଏବେ ରାଜ୍ୟର ବୃହତ ମାଛଧରା ବନ୍ଦର ଚାଲିଛି। ସେହି ସ୍ଥାନରେ ଅଛି ମାଛଧରା ବନ୍ଦର ପରିଚାଳନା ସମିତି ଘର।

୧୯୯୯ ମହାବାତ୍ୟା ବେଳେ ମତ୍ସ୍ୟ ବିଭାଗର ଅଫିସ ଓ କର୍ମଚାରୀ ଆବାସ ପ୍ରଭାବିତ ହୋଇଥିଲା। ସେବେଠାରୁ ଆଉ ମରାମତି ନ ହେବାରୁ ତାହା ପରିତ୍ୟକ୍ତ ଅବସ୍ଥାକୁ ଚାଲିଗଲା। ପରେ ଡଙ୍ଗା, ବରଫ କଳ, ପୋଖରୀ, ୱାର୍ଲେସ ଟାୱାର ସବୁ ଅଚଳ ହୋଇଗଲା। ସେହି ସ୍ଥାନରେ କେତେଜଣ ଲୋକ ଜବରଦଖଲ କରି ଘର କରି ରହିଲେ। ଏବେ ସେଠାରେ ଏକ ବସ୍ତି ହୋଇଗଲାଣି। ୨୦୧୦ରୁ ଆବାସିକ ଘରଗୁଡିକରେ ବଣୁଆ ଗଛ ଲତା ଭର୍ତ୍ତି ହୋଇଗଲାଣି। ଘର ଗୁଡିକୁ ଦେଖିଲେ ଭୂତକୋଠି ପରି ପ୍ରତ୍ୟୟ ହୁଏ। ତା'ରି ମଧ୍ୟରେ ୨୦୧୯ ମସିହା ପର୍ଯ୍ୟନ୍ତ ଅଫିସ ଚାଲୁଥିଲା। ଏବେ ଅଫିସ କାର୍ଯ୍ୟ ମାଛଧରା ବନ୍ଦର ସମିତି ଘରେ ଚାଲିଛି। କ୍ଷାର ଜଳ ପ୍ରଶିକ୍ଷଣ କେନ୍ଦ୍ର ବନ୍ଦ ଅବସ୍ଥାରେ ପଡିଛି। ଯେଉଁ ସରକାରୀ କ୍ୱାର୍ଟର୍ସ ଭୂତକୋଠି ପରି ଥିଲା ସେଠାରେ କେତେଜଣ ଲୋକ ସଫା କରି ଜବରଦଖଲ କଲେଣି। ପୋଖରୀ ଆଉ ନାହିଁ। ୱାର୍ଲେସ ଟାୱାରକୁ କେତେଜଣ କାଟି ନେଇ ଗଲେଣି। ସେହି ୩୨ ଏକର ପରିଧି ମଧ୍ୟରେ ଏବେ ଦୁଇଜଣ କର୍ମଚାରୀ ରହୁଛନ୍ତି। ସେହି ଜାଗା ପାଖରେ ପାରାଦୀପ ବନ୍ଦର ସୁଉଚ୍ଚ ପାଚେରି କରିବା ସହ ଏକ କମ୍ପାନୀକୁ ପଣ୍ୟ କାରବାର କରିବାକୁ ୩୦ ବର୍ଷୀୟା ଲିଜ୍ ଦେଇ ସାରିଛନ୍ତି। ଯାତାୟାତ ବନ୍ଦ ହେବା ଯୋଗୁ ସେହି ଅଞ୍ଚଳ ଅଜ୍ଞାତ ହୋଇଗଲାଣି। ଏପରି ଦୁରବସ୍ଥା ସମ୍ପର୍କରେ ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମନୋରଞ୍ଜନ ମହାପାତ୍ରଙ୍କୁ ପଚାରିବାରେ ଏହା ୧୦ ରୁ ୧୫ ବର୍ଷ ହେଲା ଏମିତି ରହିଛି। ଏହା ମଧ୍ୟରେ ବିଭାଗର ଅନେକ ଅଧିକାରୀମାନେ ଆସି ଯାଞ୍ଚ କରି ଗଲେଣି। ଚଳିତ ମାସରେ ମଧ ଡିଡିଏଫ୍(ଡେପୁଟି ଡାଇରେକ୍ଟର ଫିସାରୀ) ଓ ଅନ୍ୟ ଅଧିକାରୀମାନେ ଆସି ଜବରଦଖଲ କରିଥିବା ଲୋକଙ୍କୁ ତାଗିଦ କରି ଯାଇଛନ୍ତି। ଅନ୍ୟ ପ୍ରକଳ୍ପ ପୁନରୁଦ୍ଧାର ପ୍ରସଙ୍ଗରେ କୁହନ୍ତି, ଡିପାର୍ଟମେଣ୍ଟ ସେ କଥା ବୁଝିବ। ପାରାଦୀପ ମାଛଧରା ବନ୍ଦର ଉପରେ ନିର୍ଭରଶୀଳ ପ୍ରାୟ ୫୦ ହଜାର ଲୋକଙ୍କ ନୀତି ନିର୍ଣ୍ଣୟକାରୀ ଅଫିସ ଓ ଏହାର ବ୍ୟବସ୍ଥା କେବେ ସୁଧୁରିବ ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ଦରିଆ ନାହାକାଣୀ ପୀଠରେ ରଜ ଉତ୍ସବ

**ସିଂହପୁର,୧୫।୬(ଡି.ଏନ୍.ଏ.)**

ବିଞ୍ଝାରପୁର ବ୍ଲକ୍ ଅନ୍ତର୍ଗତ ସିଂହପୁରର ଅଧିଷ୍ଠାତ୍ରୀ ମା'ଦରିଆ ନାହାକାଣୀ ପୀଠରେ ନବଘନ ମହନ୍ତ ମାୟାଧର ସରକାରୀ ଉଚ୍ଚ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ରଜ ଉତ୍ସବ ପାଳିତ ହୋଇଯାଇଛି। ଏଥିରେ ଦୋଳି, କବାଡ଼ି, ପୁଚି, ହୁଳହୁଳି, ନୃତ୍ୟ ଓ ଗୀତ ସମେତ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ସିଂହପୁର ସରପଞ୍ଚ ଶଶାଙ୍କଶେଖର ଖିଲାର ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବା ସହିତ ପୁରସ୍କାର ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ବିଦ୍ୟାଳୟର କଳା ଶିକ୍ଷକ ଦିନେଶ ମଲିକ, ସହକାରୀ ଶିକ୍ଷକ ଜ୍ଞାନରଞ୍ଜନ ସାମଲ ପରିଚାଳନା କରିଥିଲେ। କମିଟି ସଭାପତି ଉମେଶ ଚନ୍ଦ୍ର ସାହୁ ଉପସ୍ଥିତ ଥିଲେ। ଏହି ଅବସରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଶିକ୍ଷକ ଜ୍ଞାନରଞ୍ଜନ ସାମଲ, କଳା କ୍ଷେତ୍ରରେ ଦିନେଶ ମଲିକ, ଶ୍ରେଷ୍ଠ ଓଡ଼ିଆଣୀ କଣ୍ଠଶିଳ୍ପୀ ଅରୁପମା ନାୟକ, ପ୍ରଧାନ ଶିକ୍ଷୟିତ୍ରୀ ଟିଙ୍କିଲତା ବେହେରାଙ୍କୁ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରତାପ ପାତ୍ର ଧନ୍ୟବାଦ ଦେଇଥିଲେ।


ଉତ୍ସବରେ ସାମିଲ ହୋଇଥିବା ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି।

# ଆଳିପିଙ୍ଗଳ-ଚାରିଛକ ରାସ୍ତା ୨ ଲେନ୍ ପାଇଁ ଦାବି

■୪ ଜିଲାର ଲୋକେ, ସରକାର ଲାଭବାନ ହେବେ
■ପର୍ଯ୍ୟଟକଙ୍କ ଗମନାଗମନରେ ସୁବିଧା ଲକ୍ଷ୍ୟ

ଜଗତ୍‌ସିଂହପୁର ଅଫିସ, ୧୫ା୬

ପୁରୀ ଜିଲା ନିମାପଡ଼ା ଚାରିଛକ-ଜଗତ୍‌ସିଂହପୁର ଭାୟା ପହଙ୍ଗା-କାଳଖ ରାସ୍ତା ୨ ଲେନ ପାଇଁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିକଟରେ ଉପକୂଳ ଓଡ଼ିଶା ବିକାଶ ପରିଷଦ ପକ୍ଷରୁ ଦାବି କରାଯାଇଛି। ଏହି ରାସ୍ତା ରାଜ୍ୟ ରାଜପଥରେ ଅନ୍ତର୍ଭୁକ୍ତ କରାଗଲେ ଉଭୟ ଜଗତ୍‌ସିଂହପୁର, କଟକ, ପୁରୀ ଓ ଖୋର୍ଦ୍ଧା ଜିଲାର ଲକ୍ଷାଧିକ ଲୋକ ଉପକୃତ ହେବା ସହ ରାଜ୍ୟ ସରକାର ଆର୍ଥିକ ଦୃଷ୍ଟିରୁ ଲାଭବାନ ହେବେ ବୋଲି ଯୁକ୍ତି କରାଯାଇଛି। ଏ ସମ୍ପର୍କରେ ୨୦୦୪ ମସିହାରୁ କାଳଖ ପୋଲ ନିର୍ମାଣ ଆନ୍ଦୋଳନ କରି ସଫଳ ହୋଇଥିବା ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ନାଗରିକ ବିଦ୍ୟାଧର ରାଉତ, ବିପିନ ବିହାରୀ ବାରିକ, ପ୍ରଭାସ କୁମାର ସ୍ୱାଇଁ, ବଟକୃଷ୍ଣ ମଲ୍ଲିକ, ଏକବେରୁଆ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁ, ସିଠାଲୋ ସରପଞ୍ଚ କବିତା ମହାପାତ୍ର ପ୍ରମୁଖ କହିଛନ୍ତି ଦେବୀ ନଦୀର ଏରଡ଼ା-କାଳଖଠାରେ ପୋଲ ନିର୍ମାଣ ହେଲା ପରେ ଏହି ରାସ୍ତାର ଗୁରୁତ୍ୱ ବଢ଼ିଯାଇଛି। କାରଣ ପୁରୀରୁ ଜଗତ୍‌ସିଂହପୁର ଯାତାୟାତ ପାଇଁ ଦୂରତା କମିଯାଇଛି। ଏଥିସହ ଶତାଧିକ ଗ୍ରାମର ଲୋକ ଉପକୃତ ହେବେ। ଆଳିପିଙ୍ଗଳରୁ କାଳଖ ପର୍ଯ୍ୟନ୍ତ ନଦୀବନ୍ଧ ରାସ୍ତାରେ କମ ସଂଖ୍ୟକ ଗ୍ରାମର ଲୋକ ଯାତାୟାତ କରୁଥିଲେ। ତେଣୁ ଏହି ରାସ୍ତା ସଙ୍କୁଚିତ ସାଙ୍ଗକୁ ଖାଲଖମାରେ ପରିପୂର୍ଣ୍ଣ। ଏରଡ଼ା-କାଳଖ ପୋଲ ହୋଇଯିବା ଦ୍ୱାରା ଏହି ରାସ୍ତାର ଗୁରୁତ୍ୱ ବଢିଯାଇଛି। କଟକ ଜିଲା ନିଆଳି ବ୍ଲକ ଅନ୍ତର୍ଗତ ଶାସନପଦା, ଏକବେରୁଆଁ, ନାଟୀ, କାଳଖ, ପହଙ୍ଗା, ତାମ୍ପଡ଼ା, ମାଧବ ଦେଇ ଚନ୍ଦ୍ରମଉଳୀ ଓ ଚାରିଛକ ପର୍ଯ୍ୟନ୍ତ ଲମ୍ବିଥିବା ୨୫ କିଲୋମିଟର ଏହି ରାସ୍ତାରେ ଏବେ ପ୍ରତ୍ୟହ ବହୁ ସଂଖ୍ୟକ ଲୋକଙ୍କ ଯାତାୟାତ କରୁଛନ୍ତି। ନିଆଳି ବ୍ଲକ ସମେତ ଖୋର୍ଦ୍ଧା ଜିଲାର ବାଲିପାଟଣା ଓ ପୁରୀ ଜିଲାର ବହୁ ସଂଖ୍ୟକ ଲୋକେ ଜଗତ୍‌ସିଂହପୁର, ପାରାଦୀପ, ମା' ଶାରଳା ପୀଠ, ଗୋରେଖନାଥ ପୀଠ ସମେତ ଜଗତ୍‌ସିଂହପୁର ଜିଲାର ଏକାଧିକ ଗୁରୁତ୍ୱପୂର୍ଣ୍ଣ ସ୍ଥାନକୁ ଯାତାୟାତ କରୁଛନ୍ତି। କିନ୍ତୁ ଦୁଃଖର କଥା ହେଲା ଜଗତ୍‌ସିଂହପୁରରୁ ଚାରିଛକ ପର୍ଯ୍ୟନ୍ତ ସଂଯୁକ୍ତ ଏହି ରାସ୍ତାଗୁଡିକ ଉନ୍ନତିକରଣ ହୋଇନାହିଁ। ଅଧିକାଂଶ ସ୍ଥାନରେ ଖାଲଖମା ସାଙ୍ଗକୁ ସଙ୍କୁଚିତ ରାସ୍ତା ଗମନାଗମନରେ ଅସୁବିଧା ସୃଷ୍ଟି କରୁଛି। ଏପରି କି ୨ଟି ଚାରିଚକିଆ ଯାନ ପରସ୍ପରକୁ ଅତିକ୍ରମ କରିବା କଷ୍ଟକର ହେଉଛି। ଜନସାଧାରଣଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଉକ୍ତ ରାସ୍ତାକୁ ରାଜ୍ୟ ରାଜପଥ ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ୨ ଲେନ୍ କରାଯିବା ଜରୁରୀ। ଏନେଇ ଚଳିତବର୍ଷ ସର୍ଭେକ୍ଷଣ ସହ ଖର୍ଚ୍ଚ ଅଟକଳ କରାଯିବାକୁ ଦାବି ହୋଇଛି। ଏହି ଅବସରରେ କାଳଖ ପୋଲ ଉପରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ ହୋଇଥିଲା। ଏଥିରେ କାଳଖ ପୋଲ ନିର୍ମାଣ ଅଭିଯାନର ଆବାହକ ବିଦ୍ୟାଧର ରାଉତଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସରୋଜ ନାୟକ କାଯର୍ୟକ୍ରମ ପରିଚାଳନା କରିଥିଲେ।



ନିମାପଡ଼ା ଚାରିଛକ- ଜଗତ୍‌ସିଂହପୁର ଭାୟା ପହଙ୍ଗା- କାଳଖ ରାସ୍ତାର ମାନଚିତ୍ର।

## ସଂକ୍ଷେପରେ

### ପଟ୍ଟାମୁଣ୍ଡାଇରେ ରଜ ମହୋତ୍ସବ -୨୦୨୨



**ପଟ୍ଟାମୁଣ୍ଡାଇ,୧୫ା୬(ସ୍ୱ.ପ୍ର.):** ପଟ୍ଟାମୁଣ୍ଡାଇ ଷ୍ଟାର୍ଟ ୱେଏ ଚାରିଟେବଲ ଟ୍ରଷ୍ଟ ପକ୍ଷରୁ ରଜ ମହୋତ୍ସବ ୨୦୨୨ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଷ୍ଟାର୍ଟ ୱେଏ ଟ୍ରଷ୍ଟ ସଂଯୋଜିକା ପୂର୍ବତନ ପୌରାଧକ୍ଷା ବୈଜୟନ୍ତୀମାଳା ଲେଙ୍କାଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ରାଜନଗର ବିଧାୟକ ଧ୍ରୁବ ସାହୁ ମୁଖ୍ୟଅତିଥି, ପଟ୍ଟାମୁଣ୍ଡାଇ ପୌର ଅଧକ୍ଷ ହେମନ୍ତ ସାହୁ, କେନ୍ଦ୍ରାପଡ଼ା ପୌର ଅଧକ୍ଷା ସରିତା ସାହୁ, ପୂର୍ବତନ ପୌର ଅଧକ୍ଷ ରୋସନା ସାହୁ, ଜଗତ୍‌ସିଂହପୁର ଜିଲା ପରିଷଦ ପୂର୍ବତନ ଅଧକ୍ଷା ସବିତା ମହାପାତ୍ର, ବ୍ଲକ ବିଜେଡି ସଭାପତି କିଶୋର ସାହୁ, ୧୪ନଂ. କାଉନସିଲର ମୃତ୍ୟୁଞ୍ଜୟ ପାଢ଼ୀ,୧୩ନଂ. କାଉନସିଲର ଲାସ୍ୟମୟୀ ସାହୁ, ସାମାଜିକ କର୍ମୀ ମଧୁମିତା ଅଗ୍ରୱାଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରଜ ମହୋତ୍ସବର ଗୁରୁତ୍ୱ, ମହତ୍ୱ ଓ ଗାରିମା ସମ୍ପର୍କରେ ଆଲୋକପାତ କରିଥିଲେ। ଟ୍ରଷ୍ଟର ଟ୍ରଷ୍ଟି ଧରିତ୍ରୀ ସାମଲ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେଇଥିଲେ। ଏଇ ଅବସରରେ ଆୟୋଜିତ ପୁଚି, ଝୋଟି, ପିଠା, ଦୌଡ଼ି ଡିଆଁ, ନୃତ୍ୟ ଓ ସଂଗୀତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମୁଖ୍ୟଅତିଥି ବିଧାୟକ ସାହୁ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମ ପ୍ରମୋଦ କୁମାର ସାହୁଙ୍କ ସଂଯୋଜନା କରିଥିଲେ। ରାଜ୍ୟ ସଂସ୍କୃତି ବିଭାଗ ସହଯୋଗରେ ପଞ୍ଚକଳାର ମହାନ ଅନୁଷ୍ଠାନ ଗଡ଼ମେକର ପକ୍ଷରୁ ସଭାପତି ସୁଶାନ୍ତ ପାଣିଙ୍କ ନେତୃତ୍ୱରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

### ଆଳି ଗାନ୍ଧୀ ସହଦେବ ଦାସଙ୍କ ୬୧ତମ ଶ୍ରାଦ୍ଧ ଦିବସ



**ଆଳି,୧୫ା୬(ଡି.ଏନ.ଏ.):** ଆଳିର ଜନସାଧାରଣଙ୍କ ଦୁଃଖ ସୁଖର ସାଥୀ ସାଜି ଆଳିର ଗାନ୍ଧୀ ଭାବେ ପରିଚିତ ଆଳିର ପୂର୍ବତନ ବିଧାୟକ ତଥା ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ସହଦେବ ଦାସଙ୍କ ୬୧ତମ ଶ୍ରାଦ୍ଧ ଦିବସ ରଜସଂକ୍ରାନ୍ତୀରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ସ୍ୱର୍ଗତ ସହଦେବ ଦାସଙ୍କ ଦ୍ୱାରା ସ୍ଥାପିତ ନୂଆଗାଁ ସିନିୟର ବେସିକ ସ୍କୁଲ ପରିସରରେ ଥିବା ତାଙ୍କର ଆବକ୍ଷ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଏହାପରେ ସେହି ନିକଟରେ ଥିବା ସହଦେବ ଦାସଙ୍କ ସମାଧୀ ପୀଠରେ ସମବେତ ରାମଧୁନ ବୋଲା ଯାଇଥିଲା। ଏହି କାର୍ଯ୍ୟକ୍ରମରେ ବଡାମ୍ବିଲା ସରପଞ୍ଚ ପ୍ରତିନିଧି ବିଜୟ ମହୀ, ପୂର୍ବତନ ସରପଞ୍ଚ ଭରତ ଚନ୍ଦ୍ର ସେଠୀ, ଗୋବିନ୍ଦ ଚନ୍ଦ୍ର ନନ୍ଦ, ବାମନ ଚରଣ ବେହେରା, ମଧୁସୂଦନ ଦାସ, କବି ବନମାଳୀ ସେନାପତି, ତ୍ରୈଲୋକ୍ୟ ପଣ୍ଡା, ମାନ ଗୋବିନ୍ଦ ଦାସ, ବୃନ୍ଦାବନ ପଣ୍ଡା, ଅକ୍ଷୟ କୁମାର ଦାସ, ନିରଞ୍ଜନ ପରିଡା, ନୀଳକଣ୍ଠ ଦାଶ ଓ ବିଷ୍ଣୁ ଚରଣ ଦାଶ ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ଶେଷରେ ବିଦ୍ୟାଳୟ ପରିସରରେ ଥିବା ଉତ୍କଳମଣି ଗୋପବନ୍ଧୁ, କୁଳବୃଦ୍ଧ ମଧୁସୂଦନ ଦାସ ଓ ସ୍ୱର୍ଗତ ଦାସଙ୍କ ପ୍ରତିମୂର୍ତ୍ତିରେ ସମସ୍ତ ଉପସ୍ଥିତ ଜନସାଧାରଣ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

# ନଦୀରେ ବୁଡ଼ି ଜଣେ ନିଖୋଜ

ଆଳି,୧୫ା୬(ଡି.ଏନ୍.ଏ.)

ଆଳି ଥାନା ଅନ୍ତର୍ଗତ ମଧୁବନ ଗ୍ରାମ ନିକଟରେ ପ୍ରବାହିତ ଖରାସ୍ରୋତା ନଦୀରେ ଜଣେ ବ୍ୟକ୍ତି ବୁଡ଼ି ନିଖୋଜ ଅଛନ୍ତି । ସ୍ଥାନୀୟ ଲୋକଙ୍କ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ପ୍ରାୟ ୩ ଟା ସମୟରେ ମଧୁବନ ଗ୍ରାମରେ ଜଣେ ବ୍ୟକ୍ତି ପହଞ୍ଚି ନଦୀ ଆରପଟ ଗାଁ କୁ ଯିବି ବୋଲି କହିଥିଲେ । ଗ୍ରାମବାସୀ ତାଙ୍କୁ ଘାଟ ରାସ୍ତା କହି ଦେଇଥିଲେ । କିନ୍ତୁ ଉକ୍ତ ବ୍ୟକ୍ତି ଜଣଙ୍କ ଘାଟ ନିକଟକୁ ନ ଯାଇ ଘାଟଠାରୁ ଅନତି ଦୂରରେ ନଦୀ ଭିତରକୁ ପଶି ଯାଇ ବୁଡି ଯାଇଥିଲେ । ନଦୀରେ ମାଛ ଧରୁଥିବା ଲୋକମାନେ ଡିଙ୍ଗି ନେଇ ଖୋଜିବା ସହିତ ଆଳି ଦମକଳ ବାହିନୀଙ୍କୁ ଖବର ଦେଇଥିଲେ । ମାତ୍ର ଏହି ଖବର ଲେଖା ହେବା ପର୍ଯ୍ୟନ୍ତ ଉକ୍ତ ବ୍ୟକ୍ତିଙ୍କୁ ଉଦ୍ଧାର କରାଯାଇ ନାହିଁ । ତାଙ୍କ ପରିଚୟ ମଧ୍ୟ ମିଳି ପାରିନାହିଁ ।

# କୁମ୍ଭୀର ଆକ୍ରମଣରେ ମହିଳା ଗୁରୁତର



ପଟ୍ଟାମୁଣ୍ଡାଇ,୧୫ା୬(ସ୍ୱ.ପ୍ର.)

କେନ୍ଦ୍ରାପଡ଼ା ଜିଲା ପଟ୍ଟାମୁଣ୍ଡାଇ ବ୍ଲକ୍ ସିଂହଗାଁ ପଞ୍ଚାୟତ ରାଉଳିଆଡିଆ ଗାଁରେ କୁମ୍ଭୀର ଆକ୍ରମଣରେ ଜଣେ ମହିଳା ଗୁରୁତର ଆହତ ହୋଇଛନ୍ତି । ସେ ହେଲେ ରାଉଳିଆଡିଆ ଗ୍ରାମର ସୌଦାମିନୀ ସାମଲ (୫୫) । ତାଙ୍କୁ ଯାଜପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି । ସୌଦାମିନୀ ବୁଧବାର ପୂର୍ବାହ୍ନ ସାଢେ ୧୦ଟା ସମୟରେ କଣ୍ଠୀଆନାଳ ଦରିସାହି ଗଣ୍ଡାକୁ ଗାଧୋଇ ଯାଇଥିବା ବେଳେ କୁମ୍ଭୀର ହାବୁଡ଼ରେ ପଡ଼ି ଥିଲେ । ୬ ଫୁଟର ଏକ କୁମ୍ଭୀର ତାଙ୍କୁ ପାଣି ଭିତରକୁ ଟାଣି ନେଇଥିଲା । ସୌଦାମିନୀ ବଞ୍ଚାଅ ବଞ୍ଚାଅ ବୋଲି ଚିତ୍କାର କରିଥିଲେ । ତାଙ୍କ ଚିତ୍କାର ଶୁଣି କିଛି ଦୂରରେ ଗାଧୋଉ ଥିବା ପିଲାମାନେ ଟେକାପଥର ମାଡ଼ କରିବାରୁ କୁମ୍ଭୀର ଛାଡି ପଳାଇ ଯାଇଥିଲା । ସୌଦାମିନୀଙ୍କୁ ଗୁରୁତର ଅବସ୍ଥାରେ ପରିବାର ଲୋକେ ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି ।

# ଡେରାବିଶରେ ରଜ ମହୋତ୍ସବ

ଡେରାବିଶ,୧୫ା୬(ସ୍ୱ.ପ୍ର.)

ରଜ ପର୍ବ ଡେରାବିଶ ବ୍ଲକ ଅଞ୍ଚଳରେ ଧୁମ୍‌ଧାମ୍‌ରେ ପାଳିତ ହେଉଛି । ମଙ୍ଗଳବାର ଥିଲା ପହିଲି ରଜ । ବୁଧବାର ରଜ ସଂକ୍ରାନ୍ତି । ପ୍ରତି ଗାଁରେ ଯୁବତୀ, ଯୁବକମାନଙ୍କଠାରୁ ଆରମ୍ଭ କରି ଗ୍ରାମବାସୀ ରଜର ମଜା ଉଠାଇଥିଲେ । ଘରେ ଘରେ ପିଠାପଣାର ଆସର ଜମିଥିଲା । ରଜର ମିଠାପାନ ଖାଇ ଯୁବତୀ, ଯୁବକମାନେ ପରସ୍ପରକୁ ରଜ ଅଭିନନ୍ଦନ ଜଣାଇଥିଲେ । ଗାଁ ଦାଣ୍ଡରେ ଦୋଳି ଖେଳ ଚାଲିଥିବା ବେଳେ ତାସ୍, ଲୁଡୁ ଖେଳର ମଜା ଉଠାଇଥିଲେ ଗ୍ରାମବାସୀ ।

ଏହି ଅବସରରେ ମଙ୍ଗଳବାର ଡେରାବିଶ ବ୍ଲକ ଅଧୀନ ଯଅଁରାବାରିମୂଳ ପଞ୍ଚାୟତ ଅର୍ତ୍ତାମୂଳସ୍ଥିତ ଜେନାମଣି ପ୍ରାଥମିକ ବିଦ୍ୟାଳୟ ପରିସରରେ ରଜ ମହୋସବ ଉଦ୍‌ଘାଟିତ ହୋଇଥିଲା । ପ୍ରଥମ ଦିନ ବିଳମ୍ବିତ ରାତିଯାଏ ଏହି ଉତ୍ସବ ଅତି ଧୁମ୍‌ଧାମରେ ପାଳନ କରାଯାଇଥିଲା । ଅର୍ତ୍ତାମୂଳ ରଜ ମହୋତ୍ସବ କମିଟି ଆନୁକୂଲ୍ୟରେ ଆୟୋଜିତ ୭ମ ବାର୍ଷିକ ମହୋତ୍ସବକୁ ଡେରାବିଶ ବ୍ଲକ ଉପାଧକ୍ଷ ଦେବାଶିଷ ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ । ଏହି ଉପଲକ୍ଷେ ଆୟୋଜିତ ସଭାରେ ସାହିତ୍ୟିକ ପ୍ରମୋଦ କୁମାର ପ୍ରତାପ ଅଧକ୍ଷତା କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ଶଙ୍କର୍ଷଣ ପରିଡ଼ା, ବ୍ଲକ ଯୁବ ବିଜେଡି ସଭାପତି ଗୋଲଖ ଚନ୍ଦ୍ର ସାହୁ, ୧୪ ନଂ. ଜିଲା ପରିଷଦ ସଭ୍ୟ ଅରବିନ୍ଦ ମଲ୍ଲିକ, ସାମାଜିକ କର୍ମୀ ରଞ୍ଜନ କୁମାର ସ୍ୱାଇଁ, କୃଷ୍ଣଚନ୍ଦ୍ର ବଳ ଓ ରଜତ ବଳ ଯୋଗ ଦେଇଥିଲେ। ମୁଖ୍ୟ ଅତିଥି ଆଚାର୍ଯ୍ୟ ଉପକୂଳ ଓଡ଼ିଶାର କୃଷିଭିତ୍ତିକ ରଜପର୍ବ ଏହାର ଐତିହ୍ୟ ଓ ପରମ୍ପରା ବିଷୟରେ ଆଲୋକପାତ କରିଥିଲେ। ଉତ୍ସବ ପ୍ରାରମ୍ଭରେ ସୁକୁମାର ଜେନା ଅତିଥି ପରିଚୟ ପ୍ରଦାନ କରିଥିଲେ। ତିନିଦିନ ଏହି ମହୋତ୍ସବ ଚାଲିବ । ପ୍ରତ୍ୟହ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ରଜ ମହୋତ୍ସବକୁ ଆହୁରି ଉତ୍ସବମୁଖର କରିଛି । ପହିଲ ରଜର ପ୍ରଥମ ସନ୍ଧ୍ୟାରେ ଆରମ୍ଭ ହୋଇଥିବା ସାଂସ୍କୃତିକ କାର୍ଯ୍ୟକ୍ରମ ବିଳମ୍ବିତ ରାତିଯାଏ ଚାଲିଥିଲା। ଏହି କାର୍ଯ୍ୟକ୍ରମକୁ ମହୋତ୍ସବ କମିଟିର କର୍ମକର୍ତ୍ତା ପରିଚାଳନା କରିଥିଲେ ।


ଡେରାବିଶରେ କୁମାରୀମାନେ ରଜ ଦୋଳି ଖେଳୁଛନ୍ତି ।

# ଅଳାବୋଲକୁ ହରାଇ ସ୍ପୋର୍ଟ୍ସ ହଷ୍ଟେଲ ଚାମ୍ପିୟନ

## ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ

ବାଲିକୁଦା, ୧୫ା୬(ସ୍ୱ.ପ୍ର.)

ଗ୍ରୀନ ଭିଲେଜ ସ୍ପୋର୍ଟିଂ କ୍ଲବ ଗରାମ ଚଅଁରପୁର ପକ୍ଷରୁ ମଙ୍ଗଳବାର ଆୟୋଜିତ ୧୩ ତମ ବାର୍ଷିକ ଭଲିବଲ ଟୁର୍ନାମେଣ୍ଟରେ ଅଳାବୋଲ ଭଲି ବଲ ଟିମ୍‌କୁ ୨-୧ ସେଟ୍‌ରେ ହରାଇ ସ୍ପୋର୍ଟ୍ସ ହଷ୍ଟେଲ, ଭୁବନେଶ୍ୱର ଚାମ୍ପିୟନ ହୋଇଛି। ରାହୁଲ ବାରିକଙ୍କୁ ବେଷ୍ଟ ଆଟାକର ଭାବେ ପୁରସ୍କୃତ କରାଯାଇଥିଲା। ଏହି ପୁରସ୍କାର ଆୟୋଜକ ମଣ୍ଡଳୀ ପକ୍ଷରୁ ମନୋଜ ରାଉତ ପ୍ରଦାନ କରିଥିବା ବେଳେ ରେନର୍ସ ଅଫ ଟ୍ରଫିକୁ ବିଶ୍ୱନାଥ ଜେନା ଓ ବିଜେତା ଦଳକୁ ହରିହର ମିର୍କାପ୍ ପୁରସ୍କାର ପ୍ରଦାନ କରିଥିଲେ। ଦୋଳଗୋବିନ୍ଦ, ମୁନା, ଜିତ୍, ରାଜା, ଆଶିଷ, ଅବିନାଶ, ଦୀପକ, ରଞ୍ଜିତ, ସୁଶାନ୍ତ ଓ ରାହୁଲ ଖେଳ ପରିଚାଳନା କରିଥିଲେ।

ସନ୍ଧ୍ୟାରେ ଗରାମ ଚଅଁରପୁରସ୍ଥିତ ଦଧିବାବନଜୀଉ ଖେଳ ପଡିଆରେ ଏହି ଦିନିକିଆ ଜିଲାସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଥିଲା। ଉଦ୍‌ଘାଟକ ଭାବେ ବିଷ୍ଣୁ ଚରଣ ମହାନ୍ତି। ସ୍ୱତନ୍ତ୍ର ଅତିଥି ଭାବେ ଦଧିବାବନଜୀଉ ଉଚ୍ଚ ବିଦ୍ୟାଳୟର ପ୍ରାକ୍ତନ ପ୍ରଧାନ ଶିକ୍ଷକ ଗଙ୍ଗାଧର ସାହୁ, ମୁଖ୍ୟବକ୍ତା ମାନସ ନାୟକ ପ୍ରମୁଖ ଯୋଗଦେଇ ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିଲେ। ପ୍ରାକ୍ତନ କ୍ରୀଡ଼ା ଶିକ୍ଷକ ଭକ୍ତବନ୍ଧୁ ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ଅନ୍ୟମାନଙ୍କ ମଧ୍ୟରେ ସମିତିସଭ୍ୟ ରାକେଶ ମଲ୍ଲିକ, ପ୍ରଧାନ ଶିକ୍ଷକ ପ୍ରଳୟ ରଞ୍ଜନ ଭୂୟାଁ, ଶିକ୍ଷକ ଲଲାଟେନ୍ଦୁ ସାହୁ, ସନ୍ତୋଷ ନାୟକ, ବିଜୟ ଜେନା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। କ୍ଲବର ସମ୍ପାଦକ ବିଜୟ ପରିଡା ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ଶ୍ରୀକାନ୍ତ ମିର୍‌କାପ୍ ବାର୍ଷିକ ବିବରଣୀ ପାଠ କରି ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧକ୍ଷ ପ୍ଲାବନ ଦାସ ଧନ୍ୟବାଦ ଦେଇଥିଲେ। ଏହି ଟୁର୍ନାମେଣ୍ଟରେ ପିପିଏଲ, ଇଟାମାଟି, ସ୍ପୋର୍ଟ୍ସ ହଷ୍ଟେଲ, ଅଳାବୋଲ ଟିମ୍ ଅଂଶଗ୍ରହଣ କରିଥିଲେ। ଗ୍ରାମାଞ୍ଚଳରେ ଭଲିବଲ ପ୍ରତିଯୋଗିତାକୁ ବଞ୍ଚାଇ ରଖି ପ୍ରତିଭାକୁ ଜିଲା ତଥା ରାଜ୍ୟ ସ୍ତରରେ ପହଞ୍ଚାଉ ଥିବାରୁ ଆୟୋଜକ ମଣ୍ଡଳୀଙ୍କୁ ଅତିଥିମାନେ ସାଧୁବାଦ ଜଣାଇଥିଲେ। ଏହି ପରିପ୍ରେକ୍ଷୀରେ ସ୍ୱତନ୍ତ୍ର ଅତିଥି ପ୍ରାକ୍ତନ ପ୍ରଧାନ ଶିକ୍ଷକ ସାହୁଙ୍କୁ ଆୟୋଜକ ମଣ୍ଡଳୀ ପକ୍ଷରୁ ମାନପତ୍ର, ପୁଷ୍ପଗୁଚ୍ଛ ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# କେନାଲ ନାହିଁ, ଜଳକର ଦାବିକୁ ବିରୋଧ

କେନ୍ଦ୍ରାପଡ଼ା ଅଫିସ, ୧୫ା୬

କେନ୍ଦ୍ରାପଡ଼ା ତହସିଲ ଅନ୍ତର୍ଗତ ଦୋବନ୍ଧା, ସୋବଲା, ପଟ୍ଟାମୁଣ୍ଡାଇ ତହସିଲ ଅନ୍ତର୍ଗତ ଚନ୍ଦନପୁର, ନୀଳକଣ୍ଠପୁର, ତମାଳଶାସନ, ଅରୁଆ, କେଶପୁର ଆଦି ଅଞ୍ଚଳର ଜମିକୁ ଏ ପର୍ଯ୍ୟନ୍ତ କେନାଲ ନାହିଁ। ତେବେ ରାଜସ୍ୱ ବିଭାଗ ଏହି ଅଞ୍ଚଳର ଅଧିବାସୀଙ୍କୁ ଜଳକର ଦାବି କରୁଛନ୍ତି। ଏହାକୁ ସ୍ଥାନୀୟ ଗ୍ରାମବାସୀ ବିରୋଧ କରିବା ସହିତ କେନାଲ ଖନନ ଅଥବା ଜଳକର ଉଚ୍ଛେଦ ଦାବି କରିଛନ୍ତି। ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ରଞ୍ଜନ କୁମାର ସାହୁ, ପାରେଶ୍ୱର ସାମଲ, ଛତିଶ କୁମାର ପରିଡା, ପ୍ରଫୁଲ୍ଲ କୁମାର ପରିଡା ପ୍ରମୁଖ କହିଛନ୍ତି, ଏହି ମାମଲାର ତଦନ୍ତ ହୋଇ କାର୍ଯ୍ୟାନୁଷ୍ଠାନ ନ ହେଲେ ଏକ ଚାଷୀ ଆନ୍ଦୋଳନ ହେବ।

ସେମାନେ କହିଛନ୍ତ, ଦୀର୍ଘଦିନ ହେବ ରାଜସ୍ୱ ବିଭାଗ ପକ୍ଷରୁ ଏହି ଅଞ୍ଚଳର କ୍ଷେତକୁ ଜଳକର ଦେବାକୁ କର ଧାର୍ଯ୍ୟ ହୋଇଛି। ଏହାକୁ ନେଇ ଆପତ୍ତି ପରେ ୧୯୯୭ ଜୁଲାଇ ୨୨ରେ ଚିଠି ନଂ. ୩୩୨୮୪ରେ ଜିଲାପାଳ ତଦନ୍ତ କରିବାକୁ ସୁପାରିସ ହୋଇଥିଲା। ସେହିବର୍ଷ ଅଗଷ୍ଟ ୪ରେ ତତ୍କାଳୀନ ଜିଲାପାଳ ଚିଠି ନଂ. ୯୩୫୪ରେ ପଟ୍ଟାମୁଣ୍ଡାଇ ତହସିଲଦାରଙ୍କୁ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତହସିଲଦାର ଏ ନେଇ ପ୍ରକୃତ ଯାଞ୍ଚ ନ କରିବାରୁ ୧୯୯୮ ମସିହାରେ ସ୍ଥାନୀୟ ଗ୍ରାମବାସୀ ଖାଉଟି ଅଦାଲତର ଦ୍ୱାରସ୍ଥ ହୋଇଥିଲେ। ଏହି ଅଦାଲତ ପକ୍ଷରୁ କ୍ଷେତକୁ ଜଳସେଚନ ନ କରିବା ପର୍ଯ୍ୟନ୍ତ ଜଳକର ନ ନେବା ପାଇଁ ପରାମର୍ଶ ଦେଇଥିଲେ। ସେବେଠାରୁ ଗ୍ରାମବାସୀ କେବଳ ଭୂମିକର ଦେଇ ଆସୁଛନ୍ତି। ଏବେ ଛାତ୍ରୀଛାତ୍ରଙ୍କ ଉଚ୍ଚଶିକ୍ଷା ପାଇଁ ଆବଶ୍ୟକ ପ୍ରମାଣପତ୍ର ସଂଗ୍ରହ ସମୟରେ ରାଜସ୍ୱ ବିଭାଗ ବକେୟା ଜଳକର ଦାବି କରୁଛନ୍ତି। ଜଳକର ନ ଦେଲେ ଜାତି ଓ ଅନ୍ୟାନ୍ୟ ପ୍ରମାଣପତ୍ର ଯୋଗାଇ ଦିଆଯାଉନାହିଁ। ଯାହା ଅନ୍ୟାୟ ବୋଲି ସେମାନେ ପ୍ରକାଶ କରିଛନ୍ତି। ଏ ସମ୍ପର୍କରେ ଉପଜିଲାପାଳ ନିରଞ୍ଜନ ବେହେରାଙ୍କୁ ପଚାରିବାରେ ଘଟଣା ସମ୍ପର୍କରେ ଅନୁଧ୍ୟାନ ହେବ। ତୁରନ୍ତ ଏ ନେଇ ରାଜସ୍ୱ ବିଭାଗ ତଦନ୍ତ କରି ଆବଶ୍ୟକ ପ୍ରମାଣପତ୍ର ଯୋଗାଇବା ଦେବାର ବ୍ୟବସ୍ଥା କରିବ। ଏଥିସହ ଜଳସେଚନ ସମସ୍ୟା ଦୂର କରିବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ସେ କହିଛନ୍ତି।


କେନ୍ଦ୍ରାପଡ଼ା ଶ୍ରୀବଳଦେବଜୀଉଙ୍କ ମନ୍ଦିରରେ ମଙ୍ଗଳବାର ସ୍ନାନଯାତ୍ରା ପରେ ଚତୁର୍ଦ୍ଧା ମୂର୍ତ୍ତି ଅଣସର ଘରକୁ ଯାଇଥିବା ବେଳେ ବୁଧବାରଠାରୁ ପଟି ଦିଅଁଙ୍କ ପୂଜା ଆରମ୍ଭ ହୋଇଛି।

# ଶିକ୍ଷକ ନେତା ଦିବାକର ଜେନାଙ୍କ ପରଲୋକ

କେନ୍ଦ୍ରାପଡ଼ା ଅଫିସ, ୧୫ା୬

କେନ୍ଦ୍ରାପଡ଼ା ବ୍ଲକ ବଗଡା ଗ୍ରାମର ଶିକ୍ଷକ ନେତା ଦିବାକର ଜେନାଙ୍କର ୭୫ ବର୍ଷ ବୟସରେ ବୁଧବାର ପରଲୋକ ହୋଇଯାଇଛି। ସ୍ୱର୍ଗତ ଜେନା ବଗଡା ହାଇସ୍କୁଲରେ ଶିକ୍ଷକତା ଆରମ୍ଭ କରିଥିଲେ। ଜିଲା ୱଷ୍ଟାର ସମ୍ପାଦକ ଭାବେ କାର୍ଯ୍ୟ କରିବା ସହ ଭରତପୁର ପଞ୍ଚାୟତର ମେହେନ୍ଦିପୁରସ୍ଥିତ ଲାଲବାହାଦୁର ଉଚ୍ଚ ଶିକ୍ଷାଶ୍ରମର ପ୍ରଧାନ ଶିକ୍ଷକ ଭାବେ ଅବସର ନେଇଥିଲେ। ଶିକ୍ଷକତା ସହ ଜିଲାର କ୍ରୀଡା ଓ ସାମାଜିକ ବିକାଶ କ୍ଷେତ୍ରରେ ଅଗ୍ରଣୀ ଭୂମିକା ନେଇଥିଲେ। ତାଙ୍କ ମୃତ୍ୟୁ ଖବର ଜଣାପଡିବା ପରେ ବହୁ ଶିକ୍ଷକ ସଙ୍ଗଠନ, ରାଜନେତା, ସାମାଜିକ କର୍ମୀ ପ୍ରମୁଖ ଶବାଧାରରେ ପହଞ୍ଚି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

# ଗୋରେଖନାଥ ପୀଠରେ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ

ରଘୁନାଥପୁର,୧୫ା୬(ଡି.ଏନ୍.ଏ.)

ରଘୁନାଥପୁର ବ୍ଲକ କେରେକେରାସ୍ଥିତ ବିଭୂତିକ୍ଷେତ୍ର ପ୍ରଭୁ ଗୋରେଖନାଥ ପୀଠରେ ରଜ ସଂକ୍ରାନ୍ତି ଅବସରରେ ୩୦ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପ୍ରଭୁଙ୍କ ନିକଟକୁ ୪ ପାର୍ଶ୍ୱ ଗେଟ୍ ଦେଇ ଶ୍ରଦ୍ଧାଳୁମାନେ ଆସିବା ବାଟରେ ଟ୍ରାଫିକ ସମସ୍ୟା ଉପୁଜିବାରୁ ଘଣ୍ଟା ଘଣ୍ଟା ଧରି ଭିଡ଼ରେ ଫସି ରହିଥିଲେ। ଭିଡ଼କୁ ନିୟନ୍ତ୍ରଣ କରିବାକୁ ପୀଠରେ ମାତ୍ର ହାତଗଣତି ପୋଲିସ ମୁତୟନ ଥିଲେ। ବଡ଼ିଭୋରୁ ପ୍ରଭୁଙ୍କ ମଙ୍ଗଳ ଆଳତି ସରିବା ପରେ ଶ୍ରଦ୍ଧାଳୁଙ୍କ ଆଗମନ ହୋଇଥିଲା। ଅସହ୍ୟ ଗ୍ରୀଷ୍ମ ସତ୍ତ୍ୱେ ପୀଠରେ ଭିଡ଼ ବୃଦ୍ଧି ପାଇବାରେ ଲାଗିଥିଲା। ଦିନତମାମ ପୀଠ ପରିସରରେ ଭଜନ କୀର୍ତ୍ତନ ଲାଗି ରହିଥିଲା। ମାନସିକ ରୋଷେଇ ବୁଧବାର ବନ୍ଦ ରହିଥିବାରୁ ବାହାରେ ଥିବା ଦୋକାନ ଓ ସେବକଙ୍କ ପକ୍ଷରୁ ପ୍ରସାଦ ଯୋଗାଇ ଦିଆଯାଇଥିଲା। ଭିଡ଼ର ସୁଯୋଗ ନେଇ ଲୁଟେରା ଓ ପକେଟମାର ଗୋଷ୍ଠୀ ସକ୍ରିୟ ହୋଇ ଉଠିଥିଲେ। ମନ୍ଦିର ଟ୍ରଷ୍ଟ ବୋର୍ଡ କାର୍ଯ୍ୟାଳୟ ପକ୍ଷରୁ ବାରମ୍ବାର ଶ୍ରଦ୍ଧାଳୁ ଓ ଦର୍ଶନାର୍ଥୀଙ୍କୁ ଏ ସମ୍ପର୍କରେ ମାଇକ୍ ଯୋଗେ ସଚେତନ କରାଯାଇଥିଲା। ହେଲେ ଅସାବଧାନତାରୁ କେତେଜଣ ଲୋକଙ୍କ ମନିପର୍ସ ଓ ମୋବାଇଲ ଚୋରି ହୋଇଯାଇଥିବା ଅଭିଯୋଗ ହୋଇଛି। ଯଜ୍ଞ ଉତ୍ସବ ପରେ ପ୍ରଥମଥର ପାଇଁ ଯାତ୍ରୀସଂଖ୍ୟା ଆଶାତୀତ ବୃଦ୍ଧି ପାଇଥିବାବେଳେ ୪ ପାର୍ଶ୍ୱ ଗେଟ୍ ବାହାରେ ଥିବା ବ୍ୟବସାୟୀମାନେ ଭଲ ବ୍ୟବସାୟ କରିଥିଲେ।


ରଜ ସଂକ୍ରାନ୍ତିରେ ଗୋରେଖନାଥ ପୀଠରେ ଶ୍ରଦ୍ଧାଳୁଙ୍କ ଗହଳି।

# ଖରିନାସୀରୁ ମାଛ ଧରିବାକୁ ବୋଟ୍ ସମୁଦ୍ରକୁ ଗଲା

## ହଟିଲା ସାମୁଦ୍ରିକ ପ୍ରବେଶ କଟକଣା

ମହାକାଳପଡ଼ା,୧୫ା୬ (ଡି.ଏନ୍.ଏ.)

କେନ୍ଦ୍ରାପଡ଼ା ଜିଲା ମହାକାଳପଡ଼ା ବ୍ଲକ ଉପକୂଳ ଅଞ୍ଚଳର ସମୁଦ୍ର ଉପରେ ନିର୍ଭର କରୁଥିବା ଶତାଧିକ ମତ୍ସ୍ୟଜୀବୀ ପରିବାର ମାଛ ଧରି ଜୀବିକା ନିର୍ବାହ କରନ୍ତି। ଅଲିଭ୍‌ରିଡ୍‌ଲେ କଇଁଛ ଓ ବଡ଼ ମାଛଙ୍କ ଅଣ୍ଡାଦାନ ଲାଗି ସମୁଦ୍ର ପ୍ରବେଶ ଉପରେ କଟକଣା ଲାଗିଥିଲା। ଏହା ବୁଧବାର ହଟିଯିବା ପରେ ସମୁଦ୍ରକୁ ମାଛ ମାରିବାକୁ ବୋଟ୍‌ଗୁଡିକ ପ୍ରବେଶ କରିଛନ୍ତି।

ପ୍ରତିବର୍ଷ ନଭେମ୍ବର ୧ରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ସାମୁଦ୍ରିକ ପ୍ରବେଶ କଟକଣା ଉପରେ ପ୍ରଶାସନ ପକ୍ଷରୁ ନିଷେଧାଜ୍ଞା ଜାରି କରାଯାଇଥାଏ। ଏହି ସାଢ଼େ ୭ ମାସ ପର୍ଯ୍ୟନ୍ତ ସ୍ଥାନୀୟ ମତ୍ସ୍ୟଜୀବୀମାନେ ରୋଜଗାର ହରାଇଥାନ୍ତି। କଟକଣା ସମୟରେ ମତ୍ସ୍ୟଜୀବୀମାନେ ଦାଦନ ଖଟିବାକୁ ରାଜ୍ୟ ବାହାରକୁ ଯାଇଥା'ନ୍ତି। ଅପରପକ୍ଷରେ ରାଜ୍ୟ ସରକାର ଯୋଜନାରେ କେତେକ ମତ୍ସ୍ୟଜୀବୀଙ୍କୁ ଆତ୍ମନିର୍ଭରଶୀଳ ହେବାକୁ ସହାୟତା ଯୋଗାଇ ଦେବାର ବ୍ୟବସ୍ଥା କରିଛନ୍ତି। ଏହି ଆର୍ଥିକ ସହାୟତା ବ୍ୟବସ୍ଥା ବାସ୍ତବ ପକ୍ଷରେ ତୃଣମୂଳ ସ୍ତରରେ ପହଞ୍ଚିବା ସମ୍ଭବ ହେଉନାହିଁ ବୋଲି ମତ୍ସ୍ୟଜୀବୀ ଅଭିଯୋଗ କରିଛନ୍ତି। ତେବେ ବ୍ଲକର ମୋଟ ୧୦ ହଜାରରୁ ଅଧିକ ପଞ୍ଜୀକୃତ ମତ୍ସ୍ୟଜୀବୀ ରହିଛନ୍ତି। ସେଥିମଧ୍ୟରୁ ୩,୪୪୪ ପଞ୍ଜୀକୃତ ମତ୍ସ୍ୟଜୀବୀଙ୍କୁ କଟକଣା ସମୟରେ ଚଳିତବର୍ଷ ସରକାରଙ୍କ ପକ୍ଷରୁ ୭,୫୦୦ ଟଙ୍କା ତାଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଆସିଥିବା ମତ୍ସ୍ୟଜୀବୀ ପ୍ରଭାସ ଚନ୍ଦ୍ର ମଣ୍ଡଳ କହିଛନ୍ତି। ଅନ୍ୟମାନଙ୍କୁ ସରକାରୀ ସହାୟତା ମିଳି ନ ଥିବା ମତ୍ସ୍ୟଜୀବୀମାନଙ୍କ ମଧ୍ୟରେ ତାପସ ମଣ୍ଡଳ, କାନ୍ତି ମଣ୍ଡଳ, ଭାଗୀରଥି ମଣ୍ଡଳ, ହରେକୃଷ୍ଣ ଗାୟନ, ଭବେନ୍ ମିର୍ଦ୍ଧା ପ୍ରମୁଖ କହିଛନ୍ତି। ତେବେ ଏହି ମତ୍ସ୍ୟଜୀବୀମାନଙ୍କ ଭଳି ଅନେକଙ୍କ କହିବା କଥା ବହୁ ଲୋକଙ୍କ ଜାଲ ବୋଟ୍ ନାହିଁ ଅଥଚ ସେମାନେ ସରକାରୀ ସହାୟତା ହାତେଇ ଥିବା ଅଭିଯୋଗ ଆଣିଛନ୍ତି। ଏହି କଟକଣା ସମୟରେ ସମୁଦ୍ର ମଧ୍ୟରେ ବୋଟ୍ ଓ ଟ୍ରଲରଗୁଡ଼ିକ ପ୍ରବେଶ କରିବା ଦ୍ୱାରା ଅଲିଭ୍‌ରିଡ୍‌ଲେ କଇଁଛଙ୍କ ଜୀବନ ଯାଇଥାଏ। ଟ୍ରଲରଗୁଡ଼ିକରେ ମାଛ ଧରିବାକୁ ଗାଞ୍ଜି ଜାଲ ବ୍ୟବହାର କରିବା ଯୋଗୁ ଅଲିଭରିଡ୍‌ଲେ କଇଁଛ ପଡ଼ି ଅଣନିଃଶ୍ୱାସି ହୋଇ ମୃତ୍ୟୁବରଣ କରନ୍ତି ବୋଲି ଅଭିଯୋଗ ହେଉଛି। ବ୍ଲକ ଅଧୀନରେ ମୋଟ ୧୭୮୫ରୁ ଅଧିକ ପଞ୍ଜୀକୃତ ବୋଟ ଥିବା ମହାକାଳପଡ଼ା ସହକାରୀ ମତ୍ସ୍ୟ ଅଧିକାରୀ ଦୀପକ କୁମାର ମଲ୍ଲିକ କହିଛନ୍ତି। ପର୍ଯ୍ୟାୟକ୍ରମେ ସ୍ଥାନୀୟ ମତ୍ସ୍ୟଜୀବୀଙ୍କ ସରଜମିନ ତଦନ୍ତ କରାଯାଇ ସରକାରଙ୍କ ନିୟମ ଅନୁସାରେ ଆର୍ଥିକ ସହାୟତା ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ଅନେକ ସମୟରେ ସମୁଦ୍ର ମଧ୍ୟରେ ଟ୍ରଲରଗୁଡ଼ିକ ଛୋଟ ଗିଲିଙ୍ଗ ବୋଟ୍‌ଗୁଡ଼ିକୁ ଆକ୍ରମଣ କରନ୍ତି ବୋଲି ମତ୍ସ୍ୟଜୀବୀ କହିଛନ୍ତି। ଏପରି କି ସମୁଦ୍ର ମଧ୍ୟରେ ଛୋଟ ବୋଟ୍‌ଗୁଡିକୁ ମାଡ କରି ବୁଡାଇ ଦେଉଥିବା ଖରିନାସୀ ଅଞ୍ଚଳର ମା' ରାମଚଣ୍ଡୀ ବୋଟ୍ ମାଲିକ ସଂଘ ସଭାପତି ଗୋପୀ ରକ୍ଷିତ କହିଛନ୍ତି। କଟକଣା ହଟିବା ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ବୁଧବାର ସକାଳେ ଖରିନାସୀ ଅଞ୍ଚଳରୁ ୫୦ରୁ ଅଧିକ ବୋଟ୍ ସମୁଦ୍ରକୁ ମାଛ ମାରିବାକୁ ଯାଇଥିବା ରକ୍ଷିତ କହିଛନ୍ତି।


ଖରିନାସୀ ମାଛଧରା ଜେଟିରୁ ମାଛ ମାରିବାକୁ ସମୁଦ୍ର ଅଭିମୁଖେ ବୋଟ ଯାଉଛି।

# ନିର୍ମାଣ ଶ୍ରମିକଙ୍କ ସହାୟତା ବନ୍ଦ

- ଯାଞ୍ଚ ପାଇଁ ପଡ଼ିଛି ୨୫ ହଜାର ଦରଖାସ୍ତ
- ୫ ବର୍ଷ ହେଲା ପଞ୍ଜୀକରଣ ବନ୍ଦ, ଲୋକାୟୁକ୍ତରେ ମାମଲା
- ଜୁନ୍ ୨୧ରେ ଜିଲାରେ, ଜୁଲାଇ ୭ରୁ ଭୁବନେଶ୍ୱରରେ ଧାରଣା
- ନୟାଗଡ଼ରୁ ପଦଯାତ୍ରାରେ ଭୁବନେଶ୍ୱର ଆସିବେ ଆନ୍ଦୋଳନକାରୀ

ନୟାଗଡ଼ ଅଫିସ,୧୫।୬

ନୟାଗଡ଼ ଜିଲାରେ ନିର୍ମାଣ ଶ୍ରମିକଙ୍କ ପାଇଁ ମିଳୁଥିବା ସରକାରୀ ସହାୟତା ଗତ ୫ ବର୍ଷ ହେବ ବନ୍ଦ ରହିଛି । ଫଳରେ ନିର୍ମାଣ ଶ୍ରମିକଙ୍କ ପିଲାମାନେ ଶିକ୍ଷା ସହାୟତା ଓ ବିବାହ ସହାୟତାରୁ ବଞ୍ଚିତ ହେଉଛନ୍ତି। ଯାଞ୍ଚ ଆଳରେ ୨୫ ହଜାର ଦରଖାସ୍ତ ପଡ଼ି ରହିଛି। ସେହିପରି ନିର୍ମାଣ ଶ୍ରମିକଙ୍କୁ ସାଇକେଲ ଓ ସୁରକ୍ଷା ଉପକରଣ ୨୦୧୮ରୁ ଦିଆଯାଉନାହିଁ । ଏହାର ପ୍ରତିବାଦରେ ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ ନୟାଗଡ଼ ଜିଲା କାର୍ଯ୍ୟାଳୟ ସମ୍ମୁଖରେ ଜୁନ୍ ୨୧ରେ ଲଣ୍ଠନ ଶୋଭାଯାତ୍ରା ହେବ। ଜୁଲାଇ ୪ରୁ ପଦଯାତ୍ରା ଭୁବନେଶ୍ୱର ଅଭିମୁଖେ ବାହାରିବ। ଏହି ପଦଯାତ୍ରା ୭ରେ ଭୁବନେଶ୍ୱରରେ ପହଞ୍ଚି ଶ୍ରମ ଆୟୁକ୍ତଙ୍କ ରାଜ୍ୟ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦିଆଯିବ ବୋଲି ଘୋଷଣା କରାଯାଇଛି। ନିର୍ମାଣ ଶ୍ରମିକଙ୍କ ସମସ୍ୟା ସମାଧାନ ହେଉ ନ ଥିବାର ଲୋକାୟୁକ୍ତରେ ମାମଲା ବି ହୋଇଛି । ସେହିପର ଗତ ମେ ୧ରୁ



ପଞ୍ଜୀକରଣ, ପଞ୍ଜିକୃତ ନିର୍ମାଣ ଶ୍ରମିକଙ୍କ ସହାୟତା, ବାର୍ଷିକ ଦେୟ ଆଦି ସମସ୍ତ କାମ ଅନ୍‌ଲାଇନ ମାଧ୍ୟମରେ ହେବ ସ୍ଥିର ହୋଇଥିଲା । ଏହି ବ୍ୟବସ୍ଥାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍‌ଘାଟନ କରିଥିଲେ । ଏହା ପରେ ବି ନିର୍ମାଣ ଶ୍ରମିକଙ୍କୁ କୌଣସି ସହାୟତା ମିଳୁନି ବୋଲି ଅଭିଯୋଗ ହୋଇଛି ।

ଶ୍ରମ ଆୟୁକ୍ତଙ୍କ ଅସହଯୋଗରୁ ନିର୍ମାଣ ଶ୍ରମିକମାନେ ୫ବର୍ଷ ହେଲା ହଇରାଣ ହୋଇ ଆସୁଛନ୍ତି ବୋଲି ଅଭିଯୋଗ ହୋଇଛି । ଜିଲାର ୮ ବ୍ଲକ, ୧ ମ୍ୟୁନିସିପାଲିଟି, ୪ ଏନ୍‌ଏସିରୁ ୫୪ ହଜାର ୪୦୦ ନିର୍ମାଣ ଶ୍ରମିକ ପଞ୍ଜିକୃତ ହୋଇଛନ୍ତି। ଅନ୍ୟପକ୍ଷେ ୨୦୧୭ରେ ୨୫ ହଜାର ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇବା ପାଇଁ ଆବେଦନ କରିଥିଲେ । ସେଥିମଧ୍ୟରୁ ମାତ୍ର ୭୦୦ ଜଣ ପରିଚୟ ପତ୍ର ପାଇଛନ୍ତି । ପରିଚପତ୍ର ଦେବା ପାଇଁ ୨।୫।୨୦୧୭ରୁ ୨।୭।୨୦୧୭ ପର୍ଯ୍ୟନ୍ତ ଶ୍ରମ ଦପ୍ତର ପକ୍ଷରୁ ଯାଞ୍ଚ କରାଯାଇଥିଲା। ହେଲେ ପରିଚୟପତ୍ର ଦିଆଗଲାନି । ଯାଞ୍ଚ ପରେ ପରିଚୟପତ୍ର ଦିଆ ନ ଯିବାର କାରଣ ପଚାରିଲେ ଉତ୍ତର ମିଳୁନି । ସେହିଭଳି ସହରାଞ୍ଚଳର ନିର୍ମାଣ ଶ୍ରମିକ ଆଦୌ ପରିଚୟପତ୍ର ପାଉ ନାହାନ୍ତି । ୩୧।୮।୨୦୧୮ରେ ସେଲଟ୍ୟାକ୍ସ ବିଭାଗ ଦେଇଥିବା କ୍ଲିୟରାନ୍ସ ଅନୁସାରେ ସହାୟତା ଦିଆଯିବା କଥା । ହେଲେ ତାକୁ ବିଅଣଦେଖା କରାଯାଇଛି ।ପୁଣି ୨୦୧୬-୧୭ରୁ ବିବାହ ଓ ଶିକ୍ଷା ସହାୟତା ଦିଆଯାଉନାହିଁ ।

ନିର୍ମାଣ ଶ୍ରମିକ ପକ୍କାଘର ଯୋଜନାରେ ପକ୍କାଘର ଦିଆଯାଉନାହିଁ। ଅନ୍ୟ ଯୋଜନାରେ ନିର୍ମାଣ ଶ୍ରମିକ ମଧ୍ୟ ଉପେକ୍ଷିତ ହୋଇ ରହିଛନ୍ତି । ସରକାରୀ ସହାୟତା ନିର୍ମାଣ ଶ୍ରମିକମାନେ ପାଉ ନାହାନ୍ତି । ଏ ନେଇ ତଦନ୍ତ କରାଯାଇ ପଦକ୍ଷେପ ନିଆଯାଉ ନ ଥିବାରୁ ଅସନ୍ତୋଷ ବଢ଼ି ଚାଲିଛି। ଏ ସଂକ୍ରାନ୍ତରେ ଜିଲା ଶ୍ରମିକ ମହାସଂଘର ସଭାପତି ଶୂନ୍ୟଜୟୀ ମିଶ୍ର କହିଛନ୍ତି, ନିର୍ମାଣ ଶ୍ରମିକ ସେମାନଙ୍କ ହକ୍ ପାଇଁ ବାରମ୍ବାର ଆନ୍ଦୋଳନ କଲାପରେ ବି ସୁଫଳ ମିଳୁନି। ଏଣୁ ବାଧ୍ୟ ହୋଇ ଲଣ୍ଠନ ରଖି ପ୍ରଭାଗୀୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଜୁନ ୨୧ରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଧାରଣା ଦିଆଯିବ। ପୁଣି ଜୁଲାଇ ୭ରୁ ରାଜ୍ୟ ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆନ୍ଦୋଳନ ହେବ। ନୟାଗଡ଼ରୁ ନିର୍ମାଣ ଶ୍ରମିକମାନେ ଚାଲି ଚାଲି ଭୁବନେଶ୍ୱର ଯିବେ। ସେଠାରେ ଆୟୋଜିତ ଆନ୍ଦୋଳନରେ ସାମିଲ ହେବେ ।

## ସଂକ୍ଷେପରେ

### ଅଣସର ଗୃହରେ ଶ୍ରୀଜୀଉ, ପଟିଦିଅଁଙ୍କୁ ପୂଜାର୍ଚ୍ଚନା

ଖଣ୍ଡପଡ଼ା,୧୫।୬(ସ୍ୱ.ପ୍ର.): ଦେବସ୍ନାନ ପୂର୍ଣ୍ଣିମା ଅବସରରେ ରଘୁନାଥ ମନ୍ଦିରରେ ପୂଜା ପାଉଥିବା ୩ ବିଗ୍ରହଙ୍କ ସ୍ନାନମଣ୍ଡପରେ ହାତୀବେଶ ଅନୁଷ୍ଠିତ ହୋଇଥିଲା । ରାତିରେ ମଙ୍ଗଳାର୍ପଣ କରାଯାଇ ସମସ୍ତ ନୀତିକାନ୍ତି ଶେଷ କରାଯାଇଥିଲା । ପରେ ସେବକମାନେ ବିଗ୍ରହମାନଙ୍କୁ ଅଣସର ଗୃହକୁ ନେଇଥିଲେ। ୧୪ ଦିନ ଠାକୁରମାନେ ଅଣସର ଘରେ ରହିବେ। ତାଙ୍କ ସ୍ଥାନରେ ପଟିଦିଅଁଙ୍କୁ ସ୍ଥାପନ କରି ସେବକମାନେ ପୂଜାର୍ଚ୍ଚନା କରିବା ଆରମ୍ଭ କରିଛନ୍ତି । ବୁଧବାର ପଟିଦିଅଁଙ୍କ ନିକଟରେ ଆଳତି ଦର୍ଶନ ନିମନ୍ତେ ଶ୍ରଦ୍ଧାଳୁଙ୍କ ଭିଡ ପରିଲକ୍ଷିତ ହୋଇଥିଲା । ବିଗ୍ରହମାନେ ଅଣସର ଗୃହରୁ ବାହାରିବା ପର୍ଯ୍ୟନ୍ତ ପଟିଦିଅଁ ପୂଜା ପାଇବେ ବୋଲି ମନ୍ଦିରର ପୂଜକମାନେ ସୂଚନା ଦେଇଛନ୍ତି ।

### ରଜ ଉପଲକ୍ଷେ ବିଭିନ୍ନ ପ୍ରତିଯୋଗିତା

ଖଣ୍ଡପଡ଼ା,୧୫।୬(ସ୍ୱ.ପ୍ର.): ଖଣ୍ଡପଡ଼ା ବ୍ଲକ ବେଣାଗାଡିଆ ପଞ୍ଚାୟତ, ତେନ୍ତୁଳିଆପଲ୍ଲୀ ଗ୍ରାମର ସାମାଜିକ ଅନୁଷ୍ଠାନ ରକ୍ଷକ ପକ୍ଷରୁ ରଜ ଉତ୍ସବ ଅବସରରେ ୬୦ରୁ ଊର୍ଦ୍ଧ୍ୱ କୁନି ପିଲାଙ୍କୁ ନୂତନ ପୋଷାକ ବଣ୍ଟନ କରାଯାଇଛି। ଅନୁଷ୍ଠାନର ମୁଖ୍ୟ ସରୋଜିନୀ ରାଉଳଙ୍କ ନେତୃତ୍ୱରେ ନୃତ୍ୟ, ଝୋଟି, ସଙ୍ଗୀତ ଆଦି ପ୍ରତିଯୋଗୀତା ଅନୁଷ୍ଠିତ ହୋଇଥିଲା । ଏହି ପ୍ରତିଯୋଗୀତାରେ କୃତୀତ୍ୱ ଅର୍ଜନ କରିଥିବା ପିଲାମାନଙ୍କୁ ଅନୁଷ୍ଠାନ ପକ୍ଷରୁ ଆସନ୍ତା ୨୧ ତାରିଖରେ ଆୟୋଜିତ ଏକ ସ୍ୱତନ୍ତ୍ର ଉତ୍ସବରେ ପୁରସ୍କୃତ କରାଯିବ ବୋଲି ଘୋଷଣା କରାଯାଇଥିଲା ।

### ଅଗ୍ନିକାଣ୍ଡରେ ଜଳିଗଲା ଘର

ଗଞ୍ଜାମ,୧୫।୬(ଡି.ଏନ.ଏ.): ରମ୍ଭା ଥାନା ପାଲଙ୍ଗ ପଞ୍ଚାୟତ ନିମୁସୁଲା ଗ୍ରାମରେ ବିଦ୍ୟୁତ୍ ଶଟ ସର୍କିଟରୁ ବୁଧବାର ଅଗ୍ନିକାଣ୍ଡ ଘଟିଛି। ସେହି ଗ୍ରାମର ବିନୋଦ ପ୍ରଧାନଙ୍କ ଘର ସମ୍ପୂର୍ଣ୍ଣ ପୋଡି ଯାଇଛି। ଅନ୍ୟ ଘରକୁ ନିଆଁ ବ୍ୟାପିବା ପୂର୍ବରୁ ରମ୍ଭା ଦମକଳ ବାହିନୀ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ନିଆଁକୁ ଆୟତ୍ତ କରିଥିଲେ। ମୁଖ୍ୟ ଆଗ୍ନେକ ଅଧିକାରୀ ସୁଶାନ୍ତ କୁମାର ମାଝୀ, ତପନ କୁମାର ଅଧିକାରୀ, ଚନ୍ଦ୍ର ଶେଖର ସାମନ୍ତରାୟ, ମାନସ ରଞ୍ଜନ ବେହେରା, ଶିଶିର କୁମାର ଦାସ, ସୁବାସ ଚନ୍ଦ୍ର ବରାଳ, ମନୋଜ ସେଠୀ ପ୍ରମୁଖ ନିଆଁଲିଭା କାର୍ଯ୍ୟରେ ନିୟୋଜିତ ଥିଲେ।

### ରାସ୍ତା ନିର୍ମାଣରେ ବିଳମ୍ବ



ନୟାଗଡ଼ ଅଫିସ,୧୫।୬

ଦଶପଲ୍ଲା ବ୍ଲକ ପୋଖରୀଗୋଛା ପଞ୍ଚାୟତ ଭୋଗବାରିରୁ ଢ଼ିପସାହିକୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ୫ କି.ମି.ରାସ୍ତା ନିର୍ମାଣ ହେଉଛି । ତେବେ ପଙ୍କୁଆରୁ ଚଡେୟାପଲ୍ଲୀକୁ ରାସ୍ତା ସଂଯୋଗ ହୋଇପାରୁନି । ଚଢ଼େୟାପଲ୍ଲୀ ସଂଯୋଗ ରାସ୍ତାରେ ୩ଟି ୧ ଫୁଟିଆ ଗଛ ରାସ୍ତା ନିର୍ମାଣରେ ବାଧକ ସାଜିଛି । ଗଛ କଟା ଯାଉନି କି ରାସ୍ତା କେଉଁ ଦିଗରେ ଯିବ ତାହା ପ୍ରଶାସନ ଠିକ୍ କରିପାରୁନାହିଁ। ଏଣୁ ଯାତାୟତରେ ବେବିରି, ଢ଼ିପସାହି, ପେହେଲାକୁ, ଉଇପଡାର ଆଦିବାସୀମାନେ ନାନା ହଇରାଣ ହେଉଛନ୍ତି ବୋଲି ଅଭିଯୋଗ କରାଯାଇଛି।

# ସାହିତ୍ୟ ବିନା ମାନବିକତାର ବିକାଶ ଅସମ୍ଭବ

ରଣପୁର,୧୫।୬ (ସ୍ୱ.ପ୍ର.)

ନୟାଗଡ ଜିଲା ରଣପୁର ବ୍ଲକ ବଜ୍ରକୋଟ ଗ୍ରାମର ଅସୁରକୁମାରୀ ପୀଠର ବନ୍ୟ ପରିବେଶରେ ମନ୍ଦାକିନୀ ସାହିତ୍ୟ ସଂସ୍କୃତି ସଂସଦ ରଣପୁରର ରାଜ୍ୟସ୍ତରୀୟ ରଜ କବିତା ଆସର ଓ ସମ୍ବର୍ଦ୍ଧନା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ପ୍ରାଧ୍ୟାପକ ବିଜୟ କୁମାର ଜେନାଙ୍କ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଶିକ୍ଷାବିତ୍ ଗୋଦାବରୀଶ ମିଶ୍ର, ଯୋଗଦେଇ ସାହିତ୍ୟ ବିନା ମାନବିକତାର ବିକାଶ ଅସମ୍ଭବ ବୋଲି କହିଥିଲେ। କବି ଶେଖ୍ ଅବଦୁଲ୍ ଖାଲିକ୍ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ସମାଜରେ ନ୍ୟାୟ, ଶାନ୍ତି, ମୈତ୍ରୀ ଓ ସାମାଜିକତାର ବାର୍ତ୍ତା ପ୍ରଚାର କରେ ବୋଲି ମତ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଗାଳ୍ପିକ ଲଳିତ ମୋହନ ମିଶ୍ର, କବି ବିରଞ୍ଚି ନାରାୟଣ ତ୍ରିପାଠୀ, ସରପଞ୍ଚ ବନିତା ବଳିୟାରସିଂହ, ସମିତି ସଭ୍ୟ ସୁଦର୍ଶନ ମାନସିଂହ, କବି ପ୍ରେମାନନ୍ଦ



ରଜ କବିତା ପାଠୋତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ ।

**ମନ୍ଦାକିନୀ ସାହିତ୍ୟ ସଂସ୍କୃତି ସଂସଦର ରଜ ଆସର**

ବେହେରା, କବୟିତ୍ରୀ କଳ୍ପନା ରଥ ଯୋଗ ଦେଇଥିଲେ। କବି ଗୋଦାବରୀ ଦାସ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେଇଥିଲେ। ସମ୍ପାଦକ ନବକିଶୋର ସାମନ୍ତରାୟ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଉତ୍ସବ ଆରମ୍ଭରୁ ସତ୍ୟନାରାୟଣ ନାୟକ ଓ ନବକିଶୋର ବାରିକ ଦାସକାଠିଆ ପରିବେଷଣ କରିଥିଲେ। କବି ସମୀର କୁମାର କଳସ ଓ କବି ପ୍ରଭାତ କୁମାର ପଣ୍ଡା କବିତା ସଂଯୋଜନା କରିଥିଲେ। ସଂସଦର କୋଷାଧ୍ୟକ୍ଷ ମନୋଜ କୁମାର ଗୁମାନସିଂହ, ରମେଶ ବଳିୟାରସିଂହ, ଅଜୟ କୁମାର ପ୍ରଧାନ, ଦିଲୀପ ସାମନ୍ତରାୟ, ଶୁଭେନ୍ଦୁ ରାଉତରାୟ, ବିରଞ୍ଚି ନାରାୟଣ ପ୍ରଧାନ ଉତ୍ସବକୁ ସଂଯୋଜନା କରିଥିଲେ। ଏଥିରେ ଶତାଧିକ କବି, ସାହିତ୍ୟିକ ଓ ସାହିତ୍ୟପ୍ରେମୀ ଯୋଗ ଦେଇଥିଲେ। ସଂସଦର ଯୁଗ୍ମ ସମ୍ପାଦକ ଜ୍ୟୋତି ରଞ୍ଜନ ଦାଶ ଧନ୍ୟବାଦ ଦେଇଥିଲେ।

# ସେମିରେ ଛାମୁସ ଲ୍ୟାନ୍ସ,ଇଲେଭେନ ଏମ୍ପାରର, ଦଳକ ହ୍ୟାକର୍ସ

**ଓଡ଼ଗାଁ କ୍ରିକେଟ ଲିଗ୍**

ଓଡ଼ଗାଁ,୧୫।୬ (ସ୍ୱ.ପ୍ର.)

ଓଡ଼ଗାଁ ରଘୁନାଥ ଆଥ୍‌ଲେଟିକ ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୧୩ ତମ ଓଡ଼ଗାଁ କ୍ରିକେଟ ଲିଗ୍‌ର ବୁଧବାର ପ୍ରଥମ ଲିଗ୍ ମ୍ୟାଚ ସ୍କାଏ ୱାକର୍ସ ଓ ଛାମୁସ ଲ୍ୟାନ୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ସ୍କାଏ ୱାକର୍ସ ବ୍ୟାଟିଂ କରି ୧୨ ଓଭରରେ ୯ ଉଇକେଟ ହରାଇ ୬୦ ରନ କରିଥିବା ବେଳେ ପ୍ରତିପକ୍ଷ ଛାମୁସ ଲୟନ୍ସ ୮ ଓଭରରେ ୩ ଉଇକେଟ ବିନିମୟରେ ୬୪ ରନ ସଂଗ୍ରହ କରି ବିଜୟୀ ହେବା ସହିତ ପ୍ରଥମ ଦଳ ଭାବେ ସେମି ଫାଇନାଲକୁ ପ୍ରବେଶ କରିଛି । ଲକି ସାମନ୍ତରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା ।

୨ୟ ସେମି ଫାଇନାଲ ଇଲେଭେନ ଏମ୍ପାରର ଓ ଓଡ଼ଗାଁ ଅଣ୍ଡର ମଧ୍ୟରେ ହୋଇଥିବା ବେଳେ ଇଲେଭେନ ଏମ୍ପାରର ବ୍ୟାଟିଂ ଆରମ୍ଭ କରିଥିଲା। ୧୨ ଓଭରରେ ୧୪୨ ରନ ହାସଲ କରିଥିଲା । ଜବାବରେ ଓଡ଼ଗାଁ ଅଣ୍ଡର ନିର୍ଦ୍ଧାରିତ ୧୨ ଓଭରରେ ମାତ୍ର ୬୪ ରନ କରିବାରୁ ଇଲେଭେନ ଏମ୍ପାରର ୭୮ ରନରେ ବିଜୟୀ ହୋଇ ୨ୟ ଦଳ ଭାବେ ସେମି ଫାଇନାଲକୁ ଉନ୍ନୀତ ହୋଇଥିଲା । ଦଳର ପ୍ରଦୀପ ସାହୁଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଘୋଷଣା କରାଯାଇଥିଲା । ସେହିପରି ଏହି ଦିବସର ଅନ୍ତିମ ଲିଗ୍ ମ୍ୟାଚ୍‌ରେ ଦଳକ ହ୍ୟାକର୍ସ ବ୍ୟାଟିଂ କରି ୧୨ ଓଭରରେ ୧୫୩ ରନ ହାସଲ କରିଥିବା ବେଳେ ଜବାବରେ ପ୍ରତିପକ୍ଷ ରୟାଲ ନାଇଟ ୧୨ ଓଭରରେ ୧୦୫ ରନ କରିଥିଲା। ଦଳକ ହ୍ୟାକର୍ସ ୪୮ ରନରେ ବିଜୟୀ ହୋଇଥିବା ବେଳେ ମାଷ୍ଟର ରାଜା (୧୨ ବର୍ଷ )ମାତ୍ର ୩ ଓଭରରେ ୪ ଉଇକେଟ ହାସଲ କରିବା ସହିତ ୧୨ ରନ ସଂଗ୍ରହ କରି ଉଲ୍ଲେଖନୀୟ ସଫଳତା ପାଇଥିଲେ ଏବଂ ମ୍ୟାନ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ ହୋଇଥିଲେ। ଦଳକୁ ୩ୟ ଦଳ ଭାବେ ସେମି ଫାଇନାଲ ଦଳକୁ ପ୍ରବେଶ କରିବାରେ ସକ୍ଷମ ହୋଇଥିବା ସମ୍ପାଦକ ଦିବାକର ନାୟକ ସୂଚନା ଦେଇଛନ୍ତି ।




ନୟାଗଡ଼ ବ୍ଲକ ଇଟାମାଟି ତନ୍ତୀସାହିରେ ରଜ ଉତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ଯୁବ ଗୋଷ୍ଠୀ ତରଫରୁ ସିଂ ବାଜା ପ୍ରତିଯୋଗିତା କରାଯାଇଥିଲା । କୁନି ପିଲାମାନଙ୍କୁ ନେଇ ଦୋଳି, ପୁଚି ଖେଳ,ମେହେନ୍ଦୀ ଲଗାଇବା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଆୟୋଜିତ ପ୍ରତିଯୋଗିତାରେ ଯୋଗଦେଇଥିବା ପିଲାମାନେ ନୃତ୍ୟ ପରିବେଷଣ କରୁଛନ୍ତି ।

# ଡ୍ରାଇଭର ସଂଘ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ

ଦଶପଲ୍ଲା,୧୫।୬(ଡି.ଏନ୍.ଏ.)

ବୁଧବାର ନୟାଗଡ଼ ଜିଲା ଦଶପଲ୍ଲା ବ୍ଲକ ଅନ୍ତର୍ଗତ ବାଣୀଗୋଛାଠାରେ ଓଡିଶା ଡ୍ରାଇଭ୍‌ର ମହାସଂଘ ପକ୍ଷରୁ ଦଶପଲ୍ଲା ଡ୍ରାଇଭର ମହାସଂଘର ସଭାପତି ସୁରେଶ କୁମାର ସାହୁଙ୍କ ନେତୃତ୍ୱରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ବାଣିଗୋଛା ଅଞ୍ଚଳର ସମସ୍ତ ସଦସ୍ୟ ଏକାଠି ହୋଇ ଡ୍ରେସ୍ କୋଡ଼ ସଚେତନା ଉପରେ ଗୁରୁତ୍ୱାରୋପ କରିଥିଲେ। ରଜ ସଂକ୍ରାନ୍ତୀ ଅବସରରେ ଦହି ପଣା ବଣ୍ଟନ କରାଯିବା ସହିତ ସମସ୍ତ ଗାଡ଼ିକୁ ଅଟକାଇ ଡ୍ରାଇଭରମାନଙ୍କୁ ଡ୍ରେସ୍ କୋଡ଼ ଗ୍ରହଣ କରିବାକୁ ଅନୁରୋଧ କରିଥିଲେ । ଏଥିସହିତ ଦୁଇ ଚକିଆ ଗାଡ଼ି ଚାଳକମାନଙ୍କୁ ଅଟକାଇ ହେଲମେଟ ପିନ୍ଧିବା ପାଇଁ ଅନୁରୋଧ କରିବା ସହିତ ନିଜେ ସୁରକ୍ଷା ରହିବା ସହ ଅନ୍ୟକୁ ସୁରକ୍ଷିତ ରଖିବା ପାଇଁ ଅନୁରୋଧ କରିଥିଲେ ।

# ପ୍ରିମିୟର ଲିଗ୍ କ୍ରିକେଟ୍ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଖଣ୍ଡପଡା,୧୫।୬ (ସ୍ୱ.ପ୍ର.)

ଖଣ୍ଡପଡ଼ା ବ୍ଲକ ବେଣାଗାଡ଼ିଆ ପଞ୍ଚାୟତ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ରାତ୍ରିକାଳୀନ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ ମଙ୍ଗଳବାର ସନ୍ଧ୍ୟାରେ ଉଦ୍‌ଘାଟିତ ହୋଇଯାଇଛି । ସ୍ଥାନୀୟ ପ୍ରାଥମିକ ବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଚଳିତ ବର୍ଷ ୮ଟି ଟିମ୍ ଅଂଶ ଗ୍ରହଣ କରିଛନ୍ତି। ମୁଖ୍ୟ ଅତିଥି ରୁପେ ସାମାଜିକ କର୍ମୀ ସଞ୍ଜୟ କୁମାର ଖଟୁଆ ଯୋଗଦେଇ ଉଭୟ ଦଳର ଖେଳାଳୀ ଓ ଆୟୋଜକମାନଙ୍କୁ ଉତ୍ସାହିତ କରିଥିଲେ । ଉଦ୍‌ଘାଟନୀ ମ୍ୟାଚରେ ବିଗ୍ ବୁଲ ଓ ଭାରତ ଲାୟନସ ଟିମ୍ ପରସ୍ପରକୁ ଭେଟିଥିଲେ। ବିଗ୍ ବୁଲ ଟିମ୍ ଟସ୍ ଜିତି ନିର୍ଦ୍ଧାରିତ ୬ ଓଭରରେ ୨୮ ରନ କରିଥିବା ବେଳେ ଜବାବ୍‌ରେ ଭାରତ ଲାୟନସ ଟିମ୍ ଆବଶ୍ୟକ ରନ ସଂଗ୍ରହ କରି ବିଜୟୀ ହୋଇଥିଲା । ଶ୍ରେଷ୍ଠ ଖେଳ ପ୍ରଦର୍ଶନ ନିମନ୍ତେ ଭାରତ ଲାୟନସ ଟିମ୍‌ର କ୍ୟାପଟେନ ପ୍ରାଣକୃଷ୍ଣ ବେହେରାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ଘୋଷଣା କରାଯାଇଥିଲା। ସର୍ବମୋଟ ୩୨ ମ୍ୟାଚ୍ ବିଶିଷ୍ଟ ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଗୁରୁବାର ସନ୍ଧ୍ୟାରେ ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ କହିଛନ୍ତି।



ଅତିଥି ଖେଳାଳିମାନଙ୍କ ସହିତ କରମର୍ଦ୍ଦନ କରୁଛନ୍ତି ।

# ରଜ ସଂକ୍ରାନ୍ତିରେ ଟଣାଗଲା ସର୍ପବାରେଣୀ ରେଖା

ଖଣ୍ଡପଡ଼ା,୧୫।୬(ସ୍ୱ.ପ୍ର.)

ବୁଧବାର ରଜ ସଂକ୍ରାନ୍ତି ଅବସରରେ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଖଣ୍ଡପଡ଼ା, କଣ୍ଟିଲୋ ଓ ଏହାର ଆଖପାଖ ପଥରଚକଡା, ବାଣପୁର, ଧାନଚେଙ୍ଗଡା, ସିଧାମୂଳା, ବେଣାଗାଡିଆ ଆଦି ବିଭିନ୍ନ ଗ୍ରାମର ମହିଳାମାନେ ସେମାନଙ୍କ ଗୃହ ଚତୁଃପାର୍ଶ୍ୱରେ ଗୋବର ଲେପ ମାରି ସର୍ପବାରେଣୀ ରେଖା ଟାଣିଛନ୍ତି। ଏହି ରେଖା ଟାଣିବା ଦ୍ୱାରା ଘର ଭିତରକୁ କୌଣସି ସରୀସୃପ ପ୍ରବେଶ କରନ୍ତି ନାହିଁ ବୋଲି ବିଶ୍ୱାସ ରହିଛି। ସୂଚନା ଅନୁଯାୟୀ, ବୈଶାଖ ଓ ଜ୍ୟେଷ୍ଠ ମାସର ପ୍ରଚଣ୍ଡ ରୌଦ୍ରତାପ ଯୋଗୁ ବିଭିନ୍ନ ପ୍ରଜାତିର ସରୀସୃପ ମାଟି ତଳେ ଗାତ କରି ରହିଥାଆନ୍ତି । ମୌସୁମୀ ବର୍ଷା ଆସିବା ପରେ ରୌଦ୍ରତାପ କମିଯାଏ । ପ୍ରବଳ ବର୍ଷା ହୁଏ । ସରୀସୃପ ରହୁଥିବା ଗାତରେ ପାଣି ପଶିଯାଏ। ଫଳରେ ସରୀସୃପମାନେ ବାହାରକୁ ଚାଲି ଆସି ଲୋକଙ୍କ ଘରେ ପ୍ରବେଶ କରିଥାଆନ୍ତି । ଚାରିଆଡ଼େ ସର୍ପ ଆତଙ୍କ ଖେଳିଯାଏ ।



ଜଣେ ମହିଳା ଘର କାନ୍ଥରେ ସର୍ପବାରେଣୀ ରେଖା ଟାଣୁଛନ୍ତି ।

ବହୁ ଲୋକ ସର୍ପ ଦଂଶନରେ ମୃତାହତ ହୋଇଥାଆନ୍ତି । ଏହାକୁ ଆଖି ଆଗରେ ରଖି ମହିଳାମାନେ ନିଜ ଘର ଚାରିପାଖରେ ଗୋବର ଲେପ ତଥା ସର୍ପବାରେଣୀ ରେଖା ଟାଣିଥାଆନ୍ତି । ଗୋବରରେ ନାଇଟ୍ରିକ ଏସିଡ୍ ଅଧିକ ଥିବାରୁ ସାପ ସେହି ଗନ୍ଧ ଯୋଗୁ ଘର ଭିତରେ ପ୍ରବେଶ କରି ନ ଥା’ନ୍ତି ବୋଲି ବିଶ୍ୱାସ ରହିଛି । ପରମ୍ପରା ଅନୁଯାୟୀ, ରଜ ସଂକ୍ରାନ୍ତି ଦିନ ସୂର୍ଯ୍ୟୋଦୟ ପୂର୍ବରୁ ମହିଳାମାନେ ଗାଈ ଗୋବରର ଲେପ ଘରର ଚାରିପାର୍ଶ୍ୱରେ ଲଗାଇ ଥାଆନ୍ତି ବୋଲି ଜଣେ ମହିଳା କହିଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୧୬ ଜୁନ, ୨୦୨୨



## ସଂକ୍ଷେପରେ

### ଘରୁ ସୁନାଗହଣା, ଟଙ୍କା ଚୋରି

**ବ୍ରହ୍ମପୁର ଅଫିସ,୧୫।୬:** ବ୍ରହ୍ମପୁର ସହର ଓ ସହରତଳି ଅଞ୍ଚଳରେ ଲୁଟେରା ଗ୍ୟାଙ୍ଗ ଏବେ ସକ୍ରିୟ ରହିଛନ୍ତି। ଏମାନଙ୍କୁ କାବୁ କରିବା ପାଇଁ ପ୍ରତ୍ୟେକ ଥାନାରେ ଗଠିତ ହୋଇଥିବା ସ୍ୱତନ୍ତ୍ର ଟିମ୍ ସେମାନଙ୍କର ଟେର ଏବେ ପାଇ ପାରୁନାହାନ୍ତି। ଏହି ଧାରାରେ ସଦର ଥାନା ଅନ୍ତର୍ଗତ ପଞ୍ଚାନନନଗରରେ ଏକ ଘରୁ ରାତିଅଧିଆ ଲୁଟିଆ ଗ୍ୟାଙ୍ଗ ଲକ୍ଷାଧିକ ଟଙ୍କାର ସୁନା ଅଳଙ୍କାର ସହ ନଗଦ ଟଙ୍କା ଚୋରିକରି ନେଇ ଯାଇଛନ୍ତି। ଘଟଣା ସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ପ୍ରକାଶ ଯେ, ପଞ୍ଚାନନନଗରରେ ରହୁଥିବା କାଳୁ ଚରଣ ନାୟକ ଓ ତାଙ୍କ ସ୍ତ୍ରୀ ରାତିରେ ଶୋଇ ପଡ଼ିଥିଲେ। ଭୋରୁ ଉଠି ଦେଖିବା ବେଳକୁ ଘର ପଛ ପଟ କବାଟ ଖୋଲାଥିଲା। ପରେ ଗୃହକର୍ତ୍ତା ଦେଖିବା ବେଳେ ଘର ଭିତରେ ଥିବା ଆଲମିରା ତାଲା ଭଙ୍ଗାଯାଇଥିଲା। ସେଥିରେ ଥିବା କେତେକ ଲୁଗାପଟା ଫିଙ୍ଗା ଫୋପାଡା ହୋଇ ତଳେ ପଡ଼ିଥିଲା। ୫୦ ହଜାର ଟଙ୍କା, ଏକ ସୁନା ହାର, ୨ଟି କାନଫୁଲ, ୩ଟି ମୁଦି ଓ ଏକ ମୋବାଇଲ୍ ଗାଏବ ଥିବା ସେ ଦେଖିବାକୁ ପାଇଥିଲେ। ଏନେଇ ସେ ସଦର ଥାନାରେ ଅଭିଯୋଗ କରିଥିଲେ।

### ଖେମୁଣ୍ଡି ଖଲାସୀ ସଂଘର ଆଲୋଚନା ସଭା

**ଦିଗପହଣ୍ଡି,୧୫।୬(ଡି.ଏନ.ଏ.)-** ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଖଲାସୀ ସଂଘର ପରିବର୍ଦ୍ଧିତ ଆଲୋଚନା ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶ୍ରମିକ ସଙ୍ଗଠନ ଏଆଇଟିୟୁସିର ଗଞ୍ଜାମ ଜିଲା ସମ୍ପାଦକ ଅଳକ ନାଥ ମିଶ୍ର ଉପସ୍ଥିତ ରହି ସଂଘର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରହ୍ମପୁର ସ୍ଥିତ ଜିଲା ଶ୍ରମ କାର୍ଯ୍ୟାଳୟରେ ସଂଘର ପଞ୍ଜିକରଣକୁ ପୁନଃ ନବୀକରଣ କରାଯିବା, ସଂଘର ପ୍ରତ୍ୟେକ ସଭ୍ୟମାନଙ୍କୁ ନିର୍ମାଣ ଶ୍ରମିକ କାର୍ଡ ପ୍ରଦାନ କରାଯିବା, ଗୋଦାମ ଟ୍ରକ୍ ମାଲିକ ମାନଙ୍କ ପକ୍ଷରୁ ସଂଘର ସଦସ୍ୟମାନଙ୍କୁ ବାର୍ଷିକ ସହାୟତା ପ୍ରଦାନ, ସଂଘକୁ ଅଧିକା କ୍ରିୟାଶୀଳ କରାଯିବା ସହ ବିବିଧ ସମସ୍ୟା ସମ୍ପର୍କରେ ସଭାରେ ଆଲୋଚନା କରାଯାଇ ବିଧିବଦ୍ଧ ପ୍ରସ୍ତାବ ଗୃହୀତ କରାଯାଇଥିଲା। ଶେଷରେ ସଂଘର କର୍ମକର୍ତ୍ତା ନିର୍ବାଚନ କରାଯାଇଥିଲା। ସଂଘର ସଭାପତି ରୂପେ ଅଳକ ନାଥ ମିଶ୍ରଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। କାର୍ଯ୍ୟକାରୀ ସଭାପତି ଯୁଧିଷ୍ଠିର ଦାସ, ଉପସଭାପତି ଉଲା ସେଠୀ, ସାଧାରଣ ସମ୍ପାଦକ ପାଣ୍ଡବ ସେଠୀ, ସହ-ସମ୍ପାଦକ ରୋହିତ ସେଠୀ ଏବଂ ଶୁକଦେବ ବେହେରାଙ୍କୁ କୋଷାଧକ୍ଷ ଭାବେ ସଭାରେ ଚୟନ କରାଯାଇଥିଲା।

### ଚକ୍ଷୁ ଚିକିତ୍ସା ଶିବିର

**ଆସିକା,୧୫।୬ (ଡି.ଏନ.ଏ.):** ଆସିକା ବ୍ଲକ ଗହଙ୍ଗୁ ପଞ୍ଚାୟତ ଅନ୍ତର୍ଗତ ଫାପଲପୁର ଗ୍ରାମରେ ବୁଧବାର ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ଆଖପାଖ ଗ୍ରାମାଞ୍ଚଳର ୧୦୨ଜଣଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୨୨ଜଣଙ୍କୁ ଚକ୍ଷୁ ଅପରେଶନ ଲାଗି ବ୍ୟବସ୍ଥା କରାଯାଇଛି। ଶଙ୍କର ଚକ୍ଷୁ ଚିକିତ୍ସାଳୟ ଓ ଗୋପବନ୍ଧୁ ଯୁବକ ସଂଘର ମିଳିତ ଉଦ୍ୟମରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ଗହଙ୍ଗୁ ସରପଞ୍ଚ ମନୋଜ ପରିଡାଙ୍କ ନେତୃତ୍ୱରେ ଦିପକ ଜେନା, ପିତବାସ ଚୌଧୁରୀ, ସୁମିତ ବେହେରା, ଜଗନ୍ନାଥ ସିଅ ପ୍ରମୁଖ ପରିଚାଳନା କରିଥିଲେ।

# ନିର୍ଦ୍ୱନ୍ଦ୍ୱ ୬ ଜଣଙ୍କ ମଧ୍ୟରେ ୪ ମହିଳା

**ବ୍ରହ୍ମପୁର ଅଫିସ,୧୫।୬**

■ ବ୍ରହ୍ମପୁର ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ
■ ସହରାଞ୍ଚଳ ସମବାୟ ରାଜନୀତି ଉଷ୍ମ

ବ୍ରହ୍ମପୁର ରେଶମ ନଗରୀରେ ୧୧୬ ବର୍ଷର ପୁରାତନ ବ୍ରହ୍ମପୁର ସମବାୟ ଅର୍ବାନ ବ୍ୟାଙ୍କ ନିର୍ଦ୍ଦେଶକ ନିର୍ବାଚନ ଆସନ୍ତା ୨୬ତାରିଖରେ ଅନୁଷ୍ଠିତ ହେବ। ଉପଜିଲାପାଳଙ୍କୁ ନିର୍ବାଚନ ଅଧିକାରୀ ଦାୟିତ୍ୱ ଦିଆଯାଇଛି। ତାଙ୍କ ଦ୍ୱାରା ପ୍ରକାଶିତ ବିଜ୍ଞପ୍ତିରେ ସମୁଦାୟ ୧୫ ଜୋନ ପାଇଁ ନାମାଙ୍କନ ଦାଖଲ, ଯାଞ୍ଚ ଓ ପୂର୍ଣ୍ଣାଙ୍ଗ ପ୍ରାର୍ଥୀ ତାଲିକା ମଧ୍ୟ ପ୍ରକାଶ ପାଇଛି। ୬ଟି ଜୋନରେ ନିର୍ଦ୍ୱନ୍ଦ୍ୱ ଥିବା ନିର୍ଦ୍ଦେଶକଙ୍କ ମଧ୍ୟରେ ୪ ମହିଳା ପ୍ରମିତା କୁମାରୀ ବେହେରା, ଜ୍ୟୋତି ସୁବୁଦ୍ଧି, ଲିଲି କୁମାରୀ ବେହେରା ଓ ସରିତା କୁମାରୀ ସାହୁ ଏବଂ ଆର.ମୁରଲୀ ମୋହନ ଓ ରବୀନ୍ଦ୍ର ନାଥ ସେଠୀ ଅଛନ୍ତି। ୧୩ନଂ. ଜୋନ୍ ପାଇଁ ଦାଖଲ ୨ ନାମାଙ୍କନ ଯାଞ୍ଚରେ କଟି ଯାଇଥିବାରୁ ସେହି ଜୋନ୍ ପାଇଁ ପରିଚାଳନା ବୋର୍ଡ ଗଠନ କରି ନିର୍ଦ୍ଦେଶିକା ମନୋନୀତ କରାଯିବ।

ଅବଶିଷ୍ଟ ୮ ଜୋନ ପାଇଁ ନିର୍ଦ୍ଧାରିତ ତାରିଖରେ ନିର୍ବାଚନ ହେବ। ସମୁଦାୟ ୨୦ ଜଣ ପ୍ରତିଦ୍ୱନ୍ଦ୍ୱିତାରେ ଅଛନ୍ତି। ତେଣୁ ଏବେ ସହରାଞ୍ଚଳ ସମବାୟ ରାଜନୀତି ଉଷ୍ମ ହୋଇଛି। ଭୋଟ ଲଢ଼େଇରେ ଥିବା ପ୍ରାର୍ଥୀଙ୍କ ମଧ୍ୟରେ ପୂର୍ବତନ ବ୍ୟାଙ୍କ ସଭାପତି ଦୁର୍ଯ୍ୟୋଧନ ସ୍ୱାଇଁଙ୍କ ସମେତ ଅଶୋକ ଶୁକ୍ଳ, ପ୍ରଶାନ୍ତ ପଟ୍ଟନାୟକ, ଭାଗୀରଥି ଚୌଧୁରୀ, ଲକ୍ଷ୍ମୀପ୍ରିୟା ପାଢ଼ୀ ପ୍ରମୁଖ ପୂର୍ବ ନିର୍ଦ୍ଦେଶିକା ଓ ନିର୍ଦ୍ଦେଶକ ଥିବା ଜଣାପଡ଼ିଛି। ସମବାୟ ନିର୍ବାଚନରେ ଦଳୀୟ ଚିହ୍ନ ରହୁ ନ ଥିଲେ ମଧ୍ୟ ଶାସକ ଦଳ ସମର୍ଥିତ ଅଧିକ ଏବଂ ଅଳ୍ପ କେତେଜଣ ବିରୋଧୀ ଦଳ ସମର୍ଥିତ ମଇଦାନକୁ ଓହ୍ଲାଇଛନ୍ତି। ନିର୍ଦ୍ଦେଶକ ନିର୍ବାଚନ ସରିବା ପରେ ପରିଚାଳନା ପରିଷଦ ସଭାପତି ନିର୍ବାଚନ ହେବ। ନିୟମ ପ୍ରକାରେ ଜଣେ ମହିଳାଙ୍କୁ ଉପ ସଭାନେତ୍ରୀ କରାଯିବ।

ଦୀର୍ଘ ବର୍ଷ ଧରି ଅର୍ବାନ ବ୍ୟାଙ୍କ ପରିଚାଳନା ବୋର୍ଡ କଂଗ୍ରେସ ଦଖଲରେ ଥିଲା। ଗତ ନିର୍ବାଚନରେ ବିଜେଡି ଅକ୍ତିଆରକୁ ଆସିଥିଲା। ଚଳିତ ନିର୍ବାଚନରେ ପୁଣି ଅକ୍ତିଆର କରିବାକୁ ବିଜେଡି ଟାର୍ଗେଟ ରଖିଛି। ତେଣୁ ବିଧାୟକ ବିକ୍ରମ କୁମାର ପଣ୍ଡା ଓ ଜିଲା ବିଜେଡି ସଭାପତି ରମେଶ ଚନ୍ଦ୍ର ଚ୍ୟାଉ ପଟ୍ଟନାୟକ ପ୍ରୟାସ ଚଳାଇଛନ୍ତି। ଅର୍ବାନ ବ୍ୟାଙ୍କ ଏକ ମର୍ଯ୍ୟାଦାପୂର୍ଣ୍ଣ ସମବାୟ ଅନୁଷ୍ଠାନ ହୋଇଥିବାରୁ ନିର୍ଦ୍ଦେଶକ ନିର୍ବାଚନକୁ କେତେକ ଆଇନଜୀବୀ, ଡାକ୍ତର, ଇଞ୍ଜିନିୟର, ବିଏମ୍‌ସି କର୍ପୋରେଟର, ସାମାଜିକ କର୍ମୀ ଓ ପୂର୍ବତନ କାଉନସିଲର ଓହ୍ଲାଇଛନ୍ତି। ବ୍ୟାଙ୍କର ଅଂଶୀଦାର ଥିବା ମହିଳା ଓ ପୁରୁଷମାନେ ହିଁ ମତଦାନ କରିବାର ବ୍ୟବସ୍ଥା ରହିଛି। ପ୍ରକାଶିତ ଚୂଡ଼ାନ୍ତ ଭୋଟର ତାଲିକାରେ ମହାନଗରର ୮୪୫୦ ମତଦାତା ଥିବା କୁହାଯାଇଛି।



କାଠରେ ତିଆରି ହୋଇଥିବା ରାମଦୋଳି।

# କାଠରେ ରାମଦୋଳି କରି ଚର୍ଚ୍ଚାରେ ଯୁବକ

**ଫୁଲବାଣୀ ଅଫିସ,୧୫।୬**

କନ୍ଧମାଳ ଜିଲା ଖଜୁରିପଡ଼ା ବ୍ଲକ ଅନ୍ତର୍ଗତ ଟିକ୍ରାପଙ୍ଗା ପଞ୍ଚାୟତ ଧରଣୀପଖାଳ ଗ୍ରାମର ଜଣେ ଯୁବକ କାଠରେ ରାମଦୋଳି ନିର୍ମାଣ କରି ଚର୍ଚ୍ଚାରେ ରହିଛନ୍ତି। ସାଧାରଣତଃ ବଡ଼ ମେଳାରେ ରାମଦୋଳି ପଡ଼ିଥାଏ, ଯାହା ଲୁହାରେ ନିର୍ମିତ। ରଜପର୍ବରେ ଗଛରେ ଦଉଡି , ବାଉଁଶ ବାନ୍ଧି ଦୋଳି ଖେଳାଯାଇଥାଏ । ହେଲେ କାଠରେ ରାମଦୋଳି ତିଆରି କରି ଧରଣୀପଖାଳ ଗ୍ରାମର ଆଦିବାସୀ ଯୁବକ ବଶିଷ୍ଠ ମାଝି ପ୍ରଶଂସା ସାଉଁଟୁଛନ୍ତି।

ବଶିଷ୍ଠ ନିଜ ଜ୍ଞାନକୌଶଳରେ କାଠରେ ଏକ ରାମ ଦୋଳି ତିଆରି କରିଛନ୍ତି। ପଞ୍ଚାୟତ ଅଧୀନ ବିଭିନ୍ନ ଗ୍ରାମର ଯୁବତୀ ଯୁବକ ଉକ୍ତ ରାମଦୋଳିରେ ବସି ମଜା ଉଠାଉଛନ୍ତି। ରଜ ଉପଲକ୍ଷେ ଚର୍ଚ୍ଚାରେ ଥିବା ଏହି ରାମଦୋଳିକୁ ଟିକ୍ରାପଙ୍ଗା ସରପଞ୍ଚ ସଞ୍ଜୀବ ଲୋଚନ ପ୍ରଧାନ ଉଦ୍‌ଘାଟନ କରିଛନ୍ତି। କୁଇ ସମାଜ ଯୁବ ପରିଷଦ ତରଫରୁ ଅଚ୍ୟୁତ ଜାନୀ, ଭାବୀନ୍ଦ୍ର କହଁର, ଅଗସ୍ତି ମଲିକ ଧରଣୀପଖାଳ ଗ୍ରାମରେ ପହଞ୍ଚି ବଶିଷ୍ଠଙ୍କୁ କିଛି ଅର୍ଥ ସହିତ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଛନ୍ତି। ଉକ୍ତ କାଠ ରାମଦୋଳିରେ ବସିବାକୁ ସମସ୍ତେ ଆଗ୍ରହ ପ୍ରକାଶ କରୁଛନ୍ତି।

# ହୃଷୀକେଶଙ୍କୁ କବି ଦିଲୀପ ଦାସଙ୍କ ପ୍ରଥମ ସ୍ମୃତି ସମ୍ମାନ



ଡ. ହୃଷୀକେଶ ମଲ୍ଲିକଙ୍କୁ କବି ଦିଲୀପ ଦାସ ସ୍ମୃତି ସମ୍ମାନରେ ସମ୍ମାନୀତ କରାଯାଉଛି।

**ବ୍ରହ୍ମପୁର ଅଫିସ,୧୫।୬**

**ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ପକ୍ଷରୁ ଦିଲୀପ ଦାସଙ୍କ ଜୟନ୍ତୀ**

ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ତରଫରୁ କବି ଦିଲୀପ ଦାସଙ୍କ ୮୧ତମ ଜୟନ୍ତୀ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଖଲ୍ଲିକୋଟ ମହାବିଦ୍ୟାଳୟର ପୂର୍ବତନ କୁଳପତି ଡ. ମନ୍ମଥ ପାଢ଼ୀ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ଭାବେ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫୁଲ୍ଲ କୁମାର ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଓଡିଶା ବିଧାନସଭାର ପୂର୍ବତନ ଉପବାଚସ୍ପତି ରାମଚନ୍ଦ୍ର ପଣ୍ଡା ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ ସଭାପତି ପ୍ରଶାନ୍ତ ମିଶ୍ର ଓ ଓଡିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ ମଞ୍ଚାସୀନ ଥିଲେ। ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ମହାସଚିବ ଦଣ୍ଡପାଣି ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ମିଳନୀର କାର୍ଯ୍ୟକାରୀ ସଭାପତି ଡ. ବିଦ୍ୟୁତପ୍ରଭା ସାହୁ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ଏହି ଅବସରରେ ଡ. ବିଦ୍ୟୁତପ୍ରଭା ସାହୁ ଓ ଡ. ବାୟାମାନୁ ଚର୍ଚ୍ଚିଙ୍କ ଯୁଗ୍ମ ସମ୍ପାଦନାରେ ପ୍ରକାଶିତ ଦିଲୀପ ଦାସଙ୍କ କାବ୍ୟ ସମ୍ଭାର ଏକ ଅନ୍ତାସକ୍ତ ଆକଳନ ଓ ଡ. ବିଦ୍ୟୁତପ୍ରଭା ସାହୁଙ୍କ ସମ୍ପାଦନାରେ ପ୍ରକାଶିତ ତୁଳନାତ୍ମକ ସାହିତ୍ୟ ସଂଚୟନ ପୁସ୍ତକ ଲୋକାର୍ପଣ ହୋଇଥିଲା। ଓଡିଶା ସାହିତ୍ୟ ଏକାଡେମୀର ସଭାପତି ଡ. ହୃଷୀକେଶ ମଲ୍ଲିକଙ୍କୁ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀ ତରଫରୁ ପ୍ରଥମ ଦିଲୀପ ଦାସ ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦକ୍ଷିଣ ଓଡିଶା ସାହିତ୍ୟ ସମ୍ମିଳନୀ କୋଷାଧକ୍ଷ କବି ପ୍ରମୋଦ କୁମାର ପଣ୍ଡା, ମେଜର ରମାରମଣ ପାଢ଼ୀ, ଡ଼. ଭଗବାନ ଗୌଡ଼, ରୋହିତ କୁମାର ବାରିକ, ପ୍ରଶାନ୍ତ ମହାନ୍ତି, ସନ୍ତୋଷ ଦାସ, କୈଳାସ ଚନ୍ଦ୍ର ତ୍ରିପାଠୀ, ସୁଶାନ୍ତ ଦାସ, ସୁରେଶ ଚନ୍ଦ୍ର ପଣ୍ଡା, ବିଧୁପ୍ରଭା ରଥ, ଡ଼. ସିଦ୍ଧାର୍ଥ ଶଙ୍କର ପାଢ଼ୀ, ବନମାଳୀ ପାଣିଗ୍ରାହୀ, ଗୌର ଷଡଙ୍ଗୀ, ଲିଙ୍ଗରାଜ ନାହାକ, କୁଳମଣି ଓଝା, ରଚନା ପାଢୀଙ୍କ ସମେତ ସମ୍ମିଳନୀର ବହୁ ସଦସ୍ୟ ଉପସ୍ଥିତ ଥିଲେ। ଶେଷରେ ଦକ୍ଷିଣ ଓଡ଼ିଶା ସାହିତ୍ୟ ସମ୍ମିଳନୀର ଉପସଭାପତି ଡା. ଗୌରାଙ୍ଗ ଚରଣ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ପୃଥକ୍ ପୃଥକ୍ ଦୁର୍ଘଟଣାରେ ୨ ମୃତ

**ଆସିକା,୧୫।୬(ଡି.ଏନ.ଏ.)**

ଆସିକା ଥାନା ଅଞ୍ଚଳରେ ବୁଧବାର ପୃଥକ ଦୁଇଟି ଦୁର୍ଘଟଣାରେ ୨ ଜଣଙ୍କ ମୃତ୍ୟୁ ଘଟିଛି। ଆସିକା- ବ୍ରହ୍ମପୁର ୫୯ ନମ୍ବର ଜାତୀୟ ରାଜପଥର ସହର ଉପକଣ୍ଠ ପାଟଲିଗୁଡା ଗ୍ରାମ ନିକଟରେ ସନ୍ଧ୍ୟାରେ କାର ଧକ୍କାରେ ଜଣେ ସାଇକେଲ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ନଳବଣ୍ଟା ଗ୍ରାମର କୈଳାସ ସାହୁ (୫୯)। କୈଳାସ ସାଇକେଲରେ ଆସିକାରୁ ଗାଁକୁ ଫେରୁଥିବା ବେଳେ ପଛରୁ ଆସୁଥିବା କାର ଧକ୍କା ଦେଇଥିଲା। ମୁମୂର୍ଷୁ ଅବସ୍ଥାରେ ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଷଳ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ । ଆସିକା ଥାନା ଏସ୍‌ଆଇ ବିଶ୍ୱଜିତ ନାୟକ ମୃତଦେହ ଓ ଦୁର୍ଘଟଣା ଘଟାଇଥିବା କାରକୁ ଜବତ କରିଛନ୍ତି। ମୃତକଙ୍କ ପୁଅ ଅଜିତ ସାହୁ ପ୍ରକାରେ ଆସିକା ଥାନାରେ ନଂ.୩୧୧/୨୨ରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସାହୁ କହିଛନ୍ତି।

ସେହିପରି ଆସିକା ଥାନା ଅନ୍ତର୍ଗତ କୋଟିନଡା ମଶାଣି ନିକଟରେ ମଙ୍ଗଳବାର ରାତିରେ ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି । ସେ ହେଲେ ଶେରଗଡ ଥାନା ଅନ୍ତର୍ଗତ ମହୁପଦର ଗ୍ରାମର ମଣିଆ ଜେନା। ମଣିଆ ଏକ ବାଇକରେ ତାଙ୍କ ଶ୍ୱଶୁର ଘର କବିସୂର୍ଯ୍ୟନଗର ଥାନା ଏସ ନୂଆଗାଁ ଗ୍ରାମକୁ ଯାଉଥିବା ବେଳେ ଭାରସାମ୍ୟ ହରାଇ ରାସ୍ତାରେ କଚାଡି ହୋଇ ପଡିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଆସିକା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲେ ବି ଡାକ୍ତର ମୃତ ଘୋଷଣା କରିଥିଲେ। ଏ ନେଇ ମୃତକଙ୍କ ଶାଳକ ନିଳାଞ୍ଚଳ ସ୍ୱାଇଁ ଆସିକା ଥାନାରେ ଅଭିଯୋଗ କରିଛନ୍ତି। ନଂ.୩୧୦/୨୨ରେ ପୋଲିସ ଏକ ମାମଲା ରୁଜୁ କରିଛି। ମୃତଦେହକୁ ବ୍ୟବଚ୍ଛେଦ ପରେ ପରିବାରକୁ ହସ୍ତାନ୍ତର କରାଯାଇଛି।

# ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲା କମିଟି ବୈଠକ



ବୈଠକରେ ଉପସ୍ଥିତ କମିଟି ସଦସ୍ୟ ବୃନ୍ଦ।

**ବ୍ରହ୍ମପୁର ଅଫିସ,୧୫।୬**

ଅଖିଳ ଭାରତ କୃଷକ ସଭା ଗଞ୍ଜାମ ଜିଲା କମିଟି ପକ୍ଷରୁ ଏକ ବୈଠକ ବୁଧବାର ପାର୍କ ସାହି ସ୍ଥିତ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ କମିଟି ଜିଲା ସଭାପତି ଶ୍ରୀହର୍ଷ ରଥ ଅଧକ୍ଷତା କରିଥିଲେ। ଜିଲା ସମ୍ପାଦକ ରାଜୀବ ଲୋଚନ ପଣ୍ଡା ବିବରଣୀ ଉପସ୍ଥାପନ କରିଥିଲେ। ଅଗଷ୍ଟ ୧୫ ସୁଦ୍ଧା ସଭ୍ୟ ପଦ ନବୀକରଣ ସାଙ୍ଗକୁ ଜିଲାର ସମସ୍ତ ଆଞ୍ଚଳିକ ସମ୍ମିଳନୀ ସାରିବା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏଥିସହ ସେପ୍ଟେମ୍ବର ୧ କୃଷକ ଦିବସ ଅବସରରେ ଖଲ୍ଲିକୋଟଠାରେ ଜିଲା ସମ୍ମିଳନୀ ପାଇଁ ବୈଠକରେ ସ୍ଥିର ହୋଇଥିଲା। ଜିଲା ସମ୍ମିଳନୀ ପରେ କୃଷକମାନଙ୍କ ବିଭିନ୍ନ ସମସ୍ୟା ନେଇ ଏକ ବିରାଟ ଆନ୍ଦୋଳନ ସମ୍ପର୍କରେ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ଗଞ୍ଜାମ ଜିଲା ସମ୍ପାଦକ ପ୍ରକାଶ ପାତ୍ରଙ୍କ ସମେତ ଭଗବାନ ରାଉତ, ଅନନ୍ତ ମହାଙ୍କୁଡ, ହରି ପାତ୍ର, ଲକ୍ଷ୍ମୀ ଚରଣ ପାଣିଗାହୀ, ସତ୍ୟବାଦୀ ସ୍ୱାଇଁ, ବିଜୟ ସାମନ୍ତରା, ବି.ଦଣ୍ଡପାଣି ରେଡ୍ଡୀ, ମୁଷା ବେହେରା, ପଞ୍ଚାନନ ସ୍ୱାଇଁ, କୈଳାସ ପାତ୍ର, ଗୋପାଳ କୃଷ୍ଣ ଭୂୟାଁ ଓ ରଙ୍ଗନାଥ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରତାରଣା ଅଭିଯୋଗରେ ଯୁବକ ଗିରଫ

**ବ୍ରହ୍ମପୁର ଅଫିସ,୧୫।୬**

ଜଣେ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା ଅଭିଯୋଗରେ ବ୍ରହ୍ମପୁର ସଦର ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଅଭିଯୁକ୍ତ ଜଣକ ପି.ରାମବାବୁ ଦୋରା(୩୪)। ସେ ଦିଗପହଣ୍ଡି ଥାନା ଅନ୍ତର୍ଗତ ଅଙ୍କରଡ଼ା ଗ୍ରାମର ମୂଳ ନିବାସୀ ହୋଇଥିବା ବେଳେ ବର୍ତ୍ତମାନ ବ୍ରଜନଗର ତୃତୀୟ ଲାଇନରେ ଏକ ଘର ଭଡା ନେଇ ରହୁଛନ୍ତି। ବୁଧବାର ଉଭୟ ପୀଡ଼ିତା ଓ ଅଭିଯୁକ୍ତଙ୍କୁ ଡାକ୍ତରୀ ମାଇନା କରାଯାଇଛି। ମାମଲା ନମ୍ବର ୨୪୪/୨୨ରେ ଅଭିଯୁକ୍ତଙ୍କୁ ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେହିପରି କୋର୍ଟରେ ପୀଡ଼ିତାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ପ୍ରକାଶ ଯେ, ରାମବାବୁ ଏକ ବୀମା କମ୍ପାନୀରେ କାମ କରୁଥିବା ବେଳେ ଉକ୍ତ କମ୍ପାନୀରେ କାମ କରୁଥିବା ଅନ୍ୟ ଜଣେ ଯୁବତୀଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢିଉଠିଥିଲା।ସେ ସମ୍ପୃକ୍ତ ଯୁବତୀଙ୍କୁ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହ ଶାରୀରିକ ସମ୍ପର୍କ ରଖିଥିଲେ। ଏପରି କି ଦୁହେଁ ଏକ ଘର ଭଡ଼ା ନେଇ ରହୁଥିଲେ। କିନ୍ତୁ ପରବର୍ତ୍ତୀ ସମୟରେ ରାମବାବୁ ଉକ୍ତ ଯୁବତୀଙ୍କୁ ବାହା ହେବାକୁ ମନା କରିବା ସହ ଏନେଇ ଜିଦ୍ କଲେ ଜୀବନରେ ମାରି ଦେବାକୁ ଧମକ ଦେଇଥିଲେ। ପ୍ରତାରଣାର ଶିକାର ହୋଇଥିବା ଯୁବତୀ ଜଣଙ୍କ ଶେଷରେ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗ କ୍ରମେ ସଦର ଥାନା ପୋଲିସ ଏକ ମାମଲା ରୁଜୁ କରି ଘଟଣାର ଅନୁସନ୍ଧାନ କରିଥିଲା। ପରେ ଅଭିଯୁକ୍ତ ରାମବାବୁଙ୍କୁ ମଙ୍ଗଳବାର ଗିରଫ କରିଥିଲା ବୋଲି ପୋଲିସ କହିଛି।

# ରୁଷିମାଳ ପାହାଡ଼ର ବିକାଶ କରାଯିବ



ରୁଷିମାଳ ପାହାଡ଼କୁ ବିଡିଓ ଗଦାଧର ପାତ୍ର ବୁଲି ଦେଖୁଛନ୍ତି।

**ଦାରିଙ୍ଗବାଡ଼ି,୧୫।୬ (ଡି.ଏନ୍.ଏ)**

ଦାରିଙ୍ଗବାଡ଼ି ବ୍ଲକର ଅତି ଦୁର୍ଗମ ରୁଷିମାଳ ପାହାଡ଼ ଚଢ଼ି ବୁଧବାର ଦାରିଙ୍ଗବାଡ଼ି ବିଡିଓ ଗଦାଧର ପାତ୍ର ପହଞ୍ଚିଛନ୍ତି। ଇତିହାସ ରହିଥିବା ଏହି ପାହାଡ଼ ତାଜୁଙ୍ଗିଆ ପଞ୍ଚାୟତର ତାମାଙ୍ଗି ଅଞ୍ଚଳରୁ ପ୍ରାୟପାଞ୍ଚ କିଲୋମିଟର ପାହାଡ଼ ଚଢ଼ିବା ପରେ ଏହି ରୁଷିମାଳ ପାହାଡ଼ ଆସିଥାଏ। ଅଞ୍ଚଳର ଲୋକଙ୍କ କହିବା ଅନୁସାରେ, ରୁଷିକୁଲ୍ୟା ନଦୀ ଉକ୍ତ ପାହାଡ଼ରୁ ଉତ୍ପତି ହୋଇଛି। ତାହା ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ଦେଇ ରୁଷିକୁଲ୍ୟା ନଦୀ ପ୍ରବାହିତ ହେଉଛି । ଏହି ପାହାଡ଼ରେ ରାଜ୍ୟ ତଥା ରାଜ୍ୟ ବାହାରର ଲୋକ ବାରୁଣିଯାତ୍ରା ବେଳେ ପହଞ୍ଚି ସେଠାରେ ବୁଡ଼ ପକାଉଥିବା ବେଳେ ସେହି ପାହାଡ଼ ଉପରେ ରୁଷିକୁଲ୍ୟା ଉତ୍ପତ୍ତି ସ୍ଥାନରେ ପୂଜାର୍ଚ୍ଚନା କରାଯାଉଛି। ତେବେ ଉକ୍ତ ପବିତ୍ର ସ୍ଥାନକୁ ପର୍ଯ୍ୟଟନକ୍ଷେତ୍ରର ମାନ୍ୟତା ପ୍ରଦାନ ସହ ତାର ବିକାଶ କରାଯିବା ପାଇଁ ରାଜ୍ୟ ସରକାରଙ୍କ ଯୋଜନା ରହିଥିବା ବେଳେ ଜିଲା ପର୍ଯ୍ୟଟନ ବିଭାଗ ପକ୍ଷରୁ ସ୍ଥାନୀୟ ବିଡିଓ ଗଦାଧର ପାତ୍ରଙ୍କୁ ଏକ ଚିଠି ମାଧ୍ୟମରେ ଉକ୍ତ ରୁଷିମାଳ ପାହାଡ଼ ସମ୍ପର୍କରେ ତଥ୍ୟ ପ୍ରଦାନ ପାଇଁ ନିବେଦନ ରହିଛି । ବିଡିଓ ଏହି ପାହାଡ଼ର ପ୍ରାୟ ୫କିମି ଚାଲି ଚାଲି ଅତିକ୍ରମ କରିଥିଲେ । କଠିନ ରାସ୍ତା ହୋଇଥିବାରୁ ସେଠାକୁ କୌଣସି ଅଧିକାରୀଙ୍କ ପାଦ ପଡୁନଥିବା ବେଳେ ପ୍ରଥମଥର ବିଡିଓ ଯାଇଛନ୍ତି। ସେଠାକାର ଅନେକ ବିକାଶର ଆବଶ୍ୟକତା ରହିଥିବା ସେ କହିଛନ୍ତି। ସେ ଏକ ରିପୋର୍ଟ ପ୍ରସ୍ତୁତ କରି ଜିଲା ପର୍ଯ୍ୟଟନ ବିଭାଗକୁ ଦେବେ ବୋଲି କହିଛନ୍ତି। ସ୍ଥାନୀୟ ପ୍ରଶାସନର ଉକ୍ତ ପାହାଡ଼ ପରିଦର୍ଶନ ପ୍ରଥମ ଘଟଣା ହୋଇଥିବାରୁ ଉକ୍ତ ଅଞ୍ଚଳର ବିକାଶ ହେବ ବୋଲି ଅଞ୍ଚଳବାସୀ ଆଶା ପ୍ରକଟ କରିଛନ୍ତି।

# ଟେବୁଲ ଟେନିସ ଟୁର୍ନାମେଣ୍ଟ

**ବ୍ରହ୍ମପୁର ଅଫିସ,୧୫।୬**

ବ୍ରହ୍ମପୁର ଟେବୁଲ ଟେନିସ ଆସୋସିଏଶନ ପକ୍ଷରୁ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଇନ୍‌ଡୋର ଗେମ୍ସ ହଲଠାରେ ଦିନିକିଆ ଟେବୁଲ ଟେନିସ ଟୁର୍ନାମେଣ୍ଟ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଟେବୁଲ ଟେନିସ ସଂଘ ସଭାପତି ସଞ୍ଜୟ କୁମାର ବିଷୋୟୀଙ୍କ ତତ୍ତ୍ୱାବଧନାରେ ଏହା ଅନୁଷ୍ଠିତ ହୋଇଥିଲା। ଏଥିରେ କ୍ରୀଡ଼ା ପ୍ରଶିକ୍ଷକ ପ୍ରକାଶ ପଣ୍ଡା ଓ ବରିଷ୍ଠ ଟେବୁଲ ଟେନିସ କୋଚ୍ ଶଙ୍କର ଦାଶ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଏହି ଦିନିକିଆ ଟୁର୍ନାମେଣ୍ଟରେ ବ୍ରହ୍ମପୁର ସହରରୁ ବିଭିନ୍ନ ବୟସର ୨୫ ଜଣ ଟେବୁଲ ଟେନିସ କ୍ରୀଡ଼ାବିତ ଉଭୟ ବାଳିକା ଓ ବାଳକ ବର୍ଗରେ ଅଂଶଗ୍ରହଣ କରିଥିଲେ। ପୂର୍ବାହ୍ନ ୮ରୁ ଅପରାହ୍ନ ୪ ପର୍ଯ୍ୟନ୍ତ ଅନୁଷ୍ଠିତ ଟୁର୍ନାମେଣ୍ଟରେ ଜୁନିଅର ବାଳକ ବିଭାଗରେ ଏ. ସନ୍ତୋଷ ରାଓ, ବାଳିକା ବିଭାଗରେ ଅନ୍ୱେଷା ବିଷୋୟୀ, ସିନିୟର ବାଳିକା ବିଭାଗର ଏ. ସାଇଲକ୍ଷ୍ମୀ ରାଓ ଓ ବାଳକ ବିଭାଗରେ ମିଥିଲେଶ୍ ମହାପାତ୍ର ଚାମ୍ପିୟନ ହୋଇଥିଲେ। ଶେଷରେ ଅତିଥିମାନଙ୍କ ଦ୍ୱାରା ଚାମ୍ପିୟନ ଖେଳାଳିମାନଙ୍କୁ ଟ୍ରଫି ପ୍ରଦାନ କାରାଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ଦୁଷ୍ମନ୍ତ ପାଢୀ, ଉପ-ସଭାପତି ଗୌରୀ ମିଶ୍ର, ବି.ଭାଗୀରଥି ରାଓ, ବିଜୟ ସିଂ ସାମନ୍ତ, କୋଷାଧକ୍ଷ ବିରଜା ପ୍ରସାଦ ମାଝି, ଅତିଥି ରବି ମିଶ୍ର, ଷ୍ଟାଡିୟମ ଇନ୍‌ଚାର୍ଜ ଗୋପାଳ ଦାଶ ଓ କୋଚ୍ ବାଲାଜୀ ପାତ୍ରଙ୍କ ସମେତ ବହୁ କ୍ରୀଡ଼ାପ୍ରେମୀ ଉପସ୍ଥିତ ଥିଲେ। ଶେଷରେ ଅତିଶୀଘ୍ର ବ୍ରହ୍ମପୁରଠାରେ ରାଜ୍ୟସ୍ତରୀୟ ଟେବୁଲ ଟେନିସ ପ୍ରତିଯୋଗିତା ଅନୁଷ୍ଠିତ ହେବା ନେଇ ଘୋଷଣା ହୋଇଛି।



ଟୁର୍ଣ୍ଣାମେଣ୍ଟ ଶେଷରେ କୃତୀ ପ୍ରତିଯୋଗୀଙ୍କ ସହ ଅତିଥି।

# ମାଁ କାଳୁଆ ରାଣୀ କ୍ରିକେଟ୍ ଟିମ୍ ଚାମ୍ପିୟନ



କୃତୀ ପ୍ରତିଯୋଗୀଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଉଛି।

**ଗୋପାଳପୁର,୧୫।୬ (ଡ଼ିଏନଏ)**

**ଗୋବିନ୍ଦ ନଗର ପ୍ରିମିୟର ଲିଗ୍ କ୍ରିକେଟ ଟୁର୍ନାମେଣ୍ଟ**

ଗୋଳନ୍ଥରା ଥାନା ଅନ୍ତର୍ଗତ ଗୋବିନ୍ଦ ନଗର ଗ୍ରାମରେ ବୁଧବାର ଗୋବିନ୍ଦ ନଗର ପ୍ରିମିୟର ଲିଗ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଶେଷ ମ୍ୟାଚ ମହାବୀର ଲିଜେଣ୍ଡସ୍ ଓ ମା’ କାଳୁଆ ରାଣୀ କ୍ରିକେଟ ଟିମ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଟସ ଜିତି ମା’ କାଳୁଆ ରାଣୀ ପ୍ରଥମ ବୋଲିଂ ନିଷ୍ପତ୍ତି ନେଇଥିଲେ। ଏହି ମ୍ୟାଚରେ ମା’ କାଳୁଆଁ ରାଣୀ କ୍ରିକେଟ ଟିମ ୬ ଉଇକେଟରେ ବିଜୟୀ ହୋଇଥିବା ବେଳେ ଟିମର ଶିବାଜୀ ମ୍ୟାନ୍ ଅଫ ଦି ମ୍ୟାଚ ଓ ରକ ରାମ ମ୍ୟାନ ଅଫ ଦି ସିରିଜ ବିବେଚିତ ହୋଇଛନ୍ତି। ସାମାଜି କର୍ମୀ ଦିବାକର ଗୌଡ଼, ଗୋବିନ୍ଦ ନଗର ସରପଞ୍ଚ କୃଷ୍ଣ ସାହୁ, ଏମ୍.ରାମା, ରାଘବ ପ୍ରଧାନ, ଜିତେନ୍ଦ୍ର ସେଠୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ବିଜୟୀ ଟିମଙ୍କୁ ଅତିଥିଙ୍କ ଦ୍ୱାରା ୫୫୦୦ ଟଙ୍କା ଆର୍ଥିକ ପୁରସ୍କାର ସହ ସିଲ ପ୍ରଦାନ କରାଯାଇଥିଲା। ମହାବୀର ଲିଜେଣ୍ଡସ୍ ଟିମ ଲିଗ ରନର୍ସ ଅପ ବିବେଚିତ ହୋଇଥିବା ବେଳେ ୪୫୦୦ ଆର୍ଥିକ ପୁରସ୍କାର ଓ ସିଲ ପ୍ରଦାନ କରାଯାଇଥିଲା। ଅନ୍ନମାନଙ୍କ ମଧ୍ୟରେ ମନୋରଞ୍ଜନ ସାହୁ, ସସୁନ ସାହୁ, ଅରୁଣ କୁମାର ସାହୁ ଓ ଅନ୍ନମାନେ ଉପସ୍ଥିତ ରହି କ୍ରିଡ଼ା ପରିଚାଳନାରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### କାଶୀନଗରରେ ଗଣପର୍ବ ରଜ ଉତ୍ସବ

କାଶୀନଗର,୧୫।୬-କାଶୀନଗରଠାରେ ରଜ ଉତ୍ସବ ବିଜୁ କଲ୍ୟାଣ ମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। ସାମାଜିକକର୍ମୀ ଉର୍ମିଳା ଗୌଡ଼ଙ୍କ ସ୍ମୃତିରେ ଅନୁଷ୍ଠିତ ଉତ୍ସବରେ ଅଧାପିକା ସୁସ୍ମିତା ପାଣିଗ୍ରାହୀ ଅଧକ୍ଷତା କରିଥିଲେ। ମୁଖ୍ୟଅତିଥି ତହସିଲଦାର ତଥା ସ୍ଥାନୀୟ ମାଜିଷ୍ଟ୍ରେଟ ଲରିମାନ ଖର୍ସେଲ, ସମ୍ମାନିତ ଅତିଥି ଜିଲା ସଂସ୍କୃତି ଅଧିକାରିଣୀ ଅର୍ଚ୍ଚନା ମଙ୍ଗରାଜ, ଡାକ୍ତର ଲିପିଲେଖା ସ୍ୱାଇଁ ଓ ଉତ୍କଳ ବିୟୁଟି, ଅଭିନେତ୍ରୀ ସୌମ୍ୟା ପ୍ରଧାନ ମୁଖ୍ୟ ଆକର୍ଷଣ ଥିଲେ। ରଜଗୀତ, ନୃତ୍ୟ, ପିଠା ତିଆରି, ଝୋଟି ଆଦି ପ୍ରତିଯୋଗିତାରେ କୃତୀ ମହିଳାଙ୍କୁ ପୁରସ୍କୃତ କରାଯାଇଥିଲା। ଜିଲାର ଗୋସଂପଦର ସୁଫଳ ଚିକିତ୍ସା ନିମନ୍ତେ ରାଜ୍ୟ ପୁରସ୍କୃତ ଡାକ୍ତର ଲିପିଲେଖା ସ୍ୱାଇଁ ଓ ପୋଷଣ ଖାଦ୍ୟ ପ୍ରସ୍ତୁତିରେ ନିପୁଣତା ନିମନ୍ତେ ବନିତା ସାହୁଙ୍କୁ ସମ୍ମାନିତ କରାଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ବହୁ ଭଦ୍ର ମହିଳା, ସମାଜସେବୀ, ଶିଶୁ ବିକାଶ ଯୋଜନା କର୍ମୀ ଭାଗ ନେଇଥିଲେ।

### ଜୁଆ ଆଡ୍ଡାରେ ଚଢ଼ାଉ, ୬ ବାଇକ୍ ଜବତ

କାଶୀନଗର,୧୫।୬-କାଶୀନଗର ଥାନା ପୋଲିସ ମଙ୍ଗଳବାର ଅଲଡ଼ା ପଞ୍ଚାୟତର ରେଲିଗୁଡ଼ା ଆମ୍ବତୋଟାରେ ଜୁଆଖେଳ ହେଉଥିବା ବେଳେ ଚଢ଼ାଉ କରିଥିଲା। ସେଠାରୁ ୬୧୨୦ ଟଙ୍କା ଓ ୬ ବାଇକ୍ ଜବତ କରିଛି। ଏ ନେଇ ଥାନା କେସ୍ ନଂ. ୭୧/୨୨ରେ ମାମଲା ରୁଜୁ ହୋଇଥିବା ଥାନାଧିକାରୀ ସୁଶାନ୍ତ କୁମାର ସାହୁ ସୂଚନା ଦେଇଛନ୍ତି।

### ଟ୍ରାକ୍ଟର ଓଲଟି ୮ ଆହତ

ପାତ୍ରପୁର,୧୫।୬(ଡି.ଏନ.ଏ.)-ପାତ୍ରପୁର ବ୍ଲକ ତୁରୁବୁଡ଼ି ପଞ୍ଚାୟତ ମାଙ୍କଡଡ଼ିଆ ନିକଟସ୍ଥ କାନକଟା ଘାଟି ନିକଟରେ ମଙ୍ଗଳବାର ଟ୍ରାକ୍ଟର ଓଲଟିପଡ଼ିବାରୁ ୪ ଗୁରୁତର ସମେତ ୮ ଜଣ ଆହତ ହୋଇଛନ୍ତି। ଆହତମାନେ ହେଲେ ଉକ୍ତ ଗ୍ରାମର ଅରୁଣ କାର୍ଜି, ମନୋଜ ରହିତ, କୃଷ୍ଣ ଚନ୍ଦ୍ର ରଇତ, ରଞ୍ଜନ କାର୍ଜି, ହଡ଼ିଆ ଦଳେଇ, ପିଣ୍ଟୁ ଦଳେଇ, ସୁରେନ୍ଦ୍ର କାର୍ଜି, କୁରେଶ କାର୍ଜି। ତୁରୁବୁଡି ପଞ୍ଚାୟତ ମହୁଲପଦା ଗ୍ରାମର କେତେଜଣ ଆଦିବାସୀ ପଣସ ଆଣିବା ପାଇଁ ଆର୍ ଉଦୟଗିରି ଯାଇଥିଲେ। ପଣସ ନେଇ ଫେରିବା ସମୟରେ କୌଣସି କାରଣ ବଶତଃ ଟ୍ରାକ୍ଟରଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ୪ ଶିଶୁ, ଜଣେ ବୃଦ୍ଧ ଓ ୩ ଯୁବକ ଆହତ ହୋଇଥିଲେ। ଆର ଉଦୟଗିରି ପୋଲିସ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ପ୍ରଥମେ ପାତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲା। ଅରୁଣ, କୃଷ୍ଣ ଚନ୍ଦ୍ର, ପିଣ୍ଟୁ ଓ ମନୋଜଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

### ବଜ୍ରପାତରେ ୨ ଆହତ, ଗାଈ ମୃତ

ଶେରଗଡ଼,୧୫।୬(ଡି.ଏନ.ଏ.)-ଶେରଗଡ଼ ବ୍ଲକ ହରିଜନ ସାହିରେ ବୁଧବାର ଅପରାହ୍ନରେ ବଜ୍ରପାତ ହେବାରୁ ୨ ଜଣ ଆହତ ହୋଇଥିବା ବେଳେ ଜଣେ ଗାଈର ମୃତ୍ୟୁ ଘଟିଛି। ଉକ୍ତ ସାହିରେ ଦୁଇ ଜଣ ବ୍ୟକ୍ତି ଦାଣ୍ଡରେ ବସିଥିବା ବେଳେ ବଜ୍ରପାତ ହୋଇଥିଲା। ଫଳରେ ସେମାନେ ଆହତ ହୋଇଥିଲେ। ସେହିପରି ତକରଡା ନିକଟସ୍ଥ ଏକ ବିଲରେ ଗାଈ ଚରୁଥିବା ବେଳେ ବଜ୍ରପାତ ତାର ମୃତ୍ୟୁ ଘଟିଥିଲା।

# ଗଞ୍ଜାମରେ ଯାଞ୍ଚ କରୁନି ମାପ ଓଜନ ବିଭାଗ

- ଠକେଇର ଶିକାର ହେଉଛନ୍ତି ଖାଉଟି
- ଭଡ଼ାରେ ଚାଲୁଛି କାର୍ଯ୍ୟାଳୟ
- ରାଜସ୍ୱ ଲକ୍ଷ୍ୟ ପୂରଣ ହେଉନି

ଛତ୍ରପୁର,୧୫। ୬(ଡି.ଏନ.ଏ)

ଗଞ୍ଜାମ ଜିଲାରେ ମାପ ଓ ଓଜନ ବିଭାଗ ପକ୍ଷରୁ ନିୟମିତ ବଜାରରେ ଥିବା ଦୋକାନ ଗୁଡିକରେ ଠିକ୍ ଭାବେ ଯାଞ୍ଚ କରାଯାଉନି । ଯଦ୍ଦ୍ୱାରା ପରିବା ବଜାରଠାରୁ ଆରମ୍ଭ କରି ମାଛ ବଜାରରେ ଗ୍ରାହକମାନେ ଠକେଇର ଶିକାର ହେବାରେ ଲାଗିଛନ୍ତି। ଅସାଧୁ ବ୍ୟବସାୟୀମାନେ ମାଲାମାଲ ହେଉଛନ୍ତି। ସେପଟେ ପ୍ରତି ମାସରେ ଗଞ୍ଜାମ ଜିଲାପାଳଙ୍କ ଅଧକ୍ଷତାରେ ରାଜସ୍ୱ ସମୀକ୍ଷା ବୈଠକ ଛତ୍ରପୁରରେ ହେଉଥିବାବେଳେ ଛତ୍ରପୁର, ଭଞ୍ଜନଗର ଓ ବ୍ରହ୍ମପୁର ଉପଖଣ୍ଡରେ ଉପଜିଲାପାଳଙ୍କ ଅଧକ୍ଷତାରେ ଏହି ସମୀକ୍ଷା ହେଉଛି । ରାଜସ୍ୱ, ସ୍ଥାନୀୟ ପୋଲିସ ଏବଂ ଓଜନ ଓ ମାପ ବିଭାଗର ଅଧିକାରୀ ମିଳିତ ଭାବେ ଏନଫୋର୍ସମେଣ୍ଟ କରି ଖିଲାପିଙ୍କଠାରୁ ଜରିମାନା ଆଦାୟ ସହ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଉଛନ୍ତି। ତଥାପି ଏହା କାର୍ଯ୍ୟକାରୀ ହେଉନି ।

ବ୍ୟବସାୟୀମାନେ ବ୍ୟବହାର କରୁଥିବା ବଟକରା ଓ ନିକିତି ଯାଞ୍ଚ କରାଯାଉନି। ତେଣୁ କିଏ ବଟକରାକୁ ଘଷି ପ୍ରତି କି.ଗ୍ରାରେ ୧୦୦ ଗ୍ରାମ ଠକୁଛି ତ ଆଉ କିଏ ଡିଜିଟାଲ ଓଜନ ମେଶିନ୍‌ରେ ମଧ ଠକୁଛନ୍ତି।



ଭଡ଼ାରେ ଚାଲିଥିବା ଛତ୍ରପୁର କାର୍ଯ୍ୟାଳୟ।

ବଟକରାରେ ମାପ ଓ ଓଜନ ବିଭାଗର ସିଲ୍ ରହିବା ବାଧ୍ୟତାମୂଳକ ହୋଇଥିଲେ ବି ବ୍ୟବସାୟୀମାନେ ଏହା ମାନୁନାହାନ୍ତି। ଅନ୍ୟପକ୍ଷରେ କର୍ମଚାରୀ ଅଭାବ ଓ ଗାଡି ନ ଥିବା ନେଇ ଆଳ ଦେଖାଇ ମାପ ଓ ଓଜନ ବିଭାଗ ପକ୍ଷରୁ ଏହି ଯାଞ୍ଚ କରାଯାଉନି। ଜିଲାରେ ଠିକ୍ ଭାବେ ନିୟମ କାର୍ଯ୍ୟକାରୀ ହେଉ ନ ଥିବା ରାଜ୍ୟ ଲିଗାଲ ମେଟ୍ରୋଲୋଜି ବିଭାଗର ନିୟନ୍ତ୍ରକଙ୍କ ଠାରୁ ଗଞ୍ଜାମ ଜିଲାପାଳ ଏବଂ ଓଜନ ଓ ମାପ ବିଭାଗର ଅଧିକାରୀମାନଙ୍କୁ ଆସିଥିବା ଚିଠିରୁ ଏହା ସ୍ପଷ୍ଟ ହୋଇଛି। ନିୟମିତ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା, ରାଜସ୍ୱ ଲକ୍ଷ୍ୟପୂରଣ, ଖାଉଟି ସଚେତନା କାର୍ଯ୍ୟକ୍ରମ ତ୍ୱରାନ୍ୱିତ ଓ ଏ ବାବଦରେ ଆସୁଥିବା ଅନୁଦାନ ଖର୍ଚ୍ଚ କରିବାକୁ ରାଜ୍ୟ ଲିଗାଲ ମେଟ୍ରୋଲୋଜି ବିଭାଗର ନିୟନ୍ତ୍ରକ ସମ୍ପୃକ୍ତ ବିଭାଗର ସମସ୍ତ ଅଧିକାରୀଙ୍କୁ ଉକ୍ତ ଚିଠି ଜରିଆରେ ନିର୍ଦ୍ଦେଶନାମା ଜାରି କରିଛନ୍ତି। ଆହୁରି ଜଣାଯାଇଛି, ୨୦୨୧-୨୨ ଆର୍ଥିକ ବର୍ଷରେ ୧ କୋଟି ୧୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ଲକ୍ଷ୍ୟ ଥିବାବେଳେ ୯୫ ଲକ୍ଷ ୭୪ ହଜାର ୭୨୯ ଟଙ୍କା ଆଦାୟ କରି ଗଞ୍ଜାମ ଜିଲା ରାଜ୍ୟରେ ୨୬ତମ ସ୍ଥାନରେ ରହିଛି । ଜିଲାରେ ବିଭାଗୀୟ କାର୍ଯ୍ୟାଳୟଗୁଡିକ ଭଡାରେ ଚାଲିଛି । ଛତ୍ରପୁର, ଖଲ୍ଲିକୋଟ ଓ ଭଞ୍ଜନଗର କାର୍ଯ୍ୟାଳୟର ଭଡ଼ା ବାବଦରେ ୨୦୧୮ରୁ ବକେୟା ରହିଛି। ଏ ବାବଦରେ ମୁଖ୍ୟ କାର୍ଯ୍ୟାଳୟକୁ ପ୍ରସ୍ତାବ ମଧ ପଠାଯାଇ ନ ଥିବା ଉକ୍ତ ଚିଠିରୁ ଜଣାପଡିଛି । ଅଫିସ ନିରୀକ୍ଷଣ ରିପୋର୍ଟ ମଧ ମୁଖ୍ୟାଳୟକୁ ପଠାଯାଉନି। ଆସିକାସ୍ଥିତ ବିଭାଗୀୟ କାର୍ଯ୍ୟାଳୟ ବିଲଡିଂର ଅବସ୍ଥା ଦୟନୀୟ ହୋଇଛି। ନୂଆ ବିଲଡିଂ ନିର୍ମାଣ ଲାଗି ନିୟନ୍ତ୍ରକଙ୍କ ପକ୍ଷରୁ ପ୍ରସ୍ତାବ ମଗାଯାଇଛି । ବହୁ କେଶ୍ ପଡ଼ିରହିଛି ଏବଂ ଏଗୁଡିକୁ ସମାଧାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସଚେତନା କାର୍ଯ୍ୟକ୍ରମ ତ୍ୱରାନ୍ୱିତ କରାଯାଉନି ଏବଂ ଏଥିପାଇଁ ଆସୁଥିବା ଅନୁଦାନ ଅର୍ଥ ମଧ ଖର୍ଚ୍ଚ ନ ହୋଇ ପଡିରହିଛି । ସଚେତନା କାର୍ଯ୍ୟକ୍ରମ ପାଇଁ ୨୦୧୮-୧୯ରେ ୪୦ ହଜାର ଟଙ୍କା, ୨୦୧୯-୨୦ରେ ୧ଲକ୍ଷ ଟଙ୍କା ଓ ୨୦୨୧-୨୨ ରେ ୬୦ ହଜାର ସମେତ ୨ ଲକ୍ଷ ଟଙ୍କା ଅନୁଦାନ ଆସିଥିଲେ ହେଁ ଏହା ଖର୍ଚ୍ଚ ହୋଇନି। ଚଳିତ ୨୦୨୨-୨୩ ଆର୍ଥିକ ବର୍ଷରେ ଜିଲାରୁ ୧କୋଟି ୧୫ ଲକ୍ଷ ଟଙ୍କା ରାଜସ୍ୱ ଆଦାୟ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ହୋଇଥିବା ନିୟନ୍ତ୍ରକ ଦର୍ଶାଇଛନ୍ତି।

# ବରିଷ୍ଠ ନାଗରିକ ହତାଦର ସଚେତନତା ଦିବସ



ବୈଠକରେ ଉପସ୍ଥିତ କର୍ମକର୍ତ୍ତା।

ଭଞ୍ଜନଗର,୧୫।୬(ଡି.ଏନ୍.ଏ.)

ବାଉଁଶଲୁଣ୍ଡି ରାଧାକୃଷ୍ଣ ପାଠାଗାର ପରିସରରେ ବୁଧବାର ବିଶ୍ୱ ବରିଷ୍ଠ ନାଗରିକ ହତାଦର ସଚେତନତା ଦିବସ ପାଳନ କରାଯାଇଛି। ଏଥିଲାଗି ପାଠାଗାର ସଭାପତି ନିରଞ୍ଜନ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାକୁ ସ୍ଥାନୀୟ ଓକିଲ ସଂଘ ସଭାପତି ସନ୍ତୋଷ କୁମାର ନାୟକ ଉଦଘାଟନ କରିଥିଲେ। ପଣ୍ଡିତ ବିପ୍ର ଚରଣ ସାହୁ ବେଦମନ୍ତ୍ର ଗାନ କରିଥିଲେ । ବରିଷ୍ଠ ସମାଜିକ କର୍ମୀ ପଦ୍ମନାଭ ଆରୁଖ, ବରିଷ୍ଠ ନାଗରିକ ମଞ୍ଚର ସଭାପତି ସୋମନାଥ ନାୟକ, କାର୍ଯ୍ୟକାରୀ ସଭାପତି ଶିବରାମ ପଣ୍ଡା, ଉପଦେଷ୍ଟା ଡ. କମ୍ବୁପାଣି ସାମନ୍ତ, ସମ୍ପାଦକ ରବୀନ୍ଦ୍ର ଆଚାର୍ଯ୍ୟ, ବାର ଆସୋସିଏଶନ ସଭାପତିଙ୍କୁ ଅଙ୍ଗବସ୍ତ୍ର ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରାଯାଇଥିଲା। ସରକାରୀ ସ୍ତରରେ ଏହା ପାଳନ କରାଯାଉ ନ ଥିବାରୁ ବୈଠକରେ କ୍ଷୋଭ ପ୍ରକାଶ ପାଇଥିଲା। ଏହି ଅଞ୍ଚଳରେ ଏକ ଜରାନିବାସ ପ୍ରତିଷ୍ଠା, ବରିଷ୍ଠ ନାଗରିକ ଭତ୍ତା ୨୦୦୦କୁ ବୃଦ୍ଧି କରିବା ନିମନ୍ତେ ସରକାର ଦୃଷ୍ଟି ଦେବାକୁ ବୈଠକରେ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ମଞ୍ଚର ଉପସଭାପତି ଇଂ ପ୍ରଭାତ ଚନ୍ଦ୍ର ତରାସିଆ, ସହ ସମ୍ପାଦକ ସନ୍ତୋଷ କୁମାର ପଣ୍ଡା, କୋଷାଧକ୍ଷ ବ୍ରଜ ଗୋପାଳ ମହାରଣା, ସୁରେଶ ଚନ୍ଦ୍ର ସ୍ୱାଇଁ, ହରିକୃଷ୍ଣ ସାହୁ ପ୍ରମୁଖ ଆଲୋଚନା ଭାଗ ନେଇଥିଲେ । ପାଠଗାର ସମ୍ପାଦକ ଭଞ୍ଜ କିଶୋର ପ୍ରଧାନ ଧନ୍ୟବାଦ ଅର୍ପଣ କରି ଥିଲେ ।

# ୫ମ ଦିନରେ ଆନ୍ଦୋଳନ

## ଟାଟା କମ୍ପାନୀରେ ନିଯୁକ୍ତି ଦାବି

ଛତ୍ରପୁର,୧୫।୬(ଡି.ଏନ.ଏ)

ଛତ୍ରପୁର ବ୍ଲକ କାଳିପଲ୍ଲୀ ନିକଟରେ ଟାଟା କମ୍ପାନୀ ଅଧିକୃତ ଜମିରେ ପ୍ରକଳ୍ପକୁ ସ୍ଥାନୀୟ ଲୋକଙ୍କ ବିରୋଧ ଜାରି ରହିଛି। ପ୍ରକଳ୍ପ ଲାଗି ଜମି ହରାଇଥିବା ସ୍ଥାନୀୟ ଲୋକଙ୍କ ଆନ୍ଦୋଳନ ବୁଧବାର ପଞ୍ଚମ ଦିନରେ ପହଞ୍ଚିଛି । ବିରୋଧ ଯୋଗୁ ଉକ୍ତ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି । ଅନ୍ୟପକ୍ଷରେ ଆସନ୍ତା ୧୭ ତାରିଖରେ ଜିଲାପାଳଙ୍କ ଅଧକ୍ଷତାରେ ଏକ ଆଲୋଚନା ବୈଠକ ହେବ । ସ୍ଥାନୀୟ ପିଲାଙ୍କୁ ନିଯୁକ୍ତି ବ୍ୟବସ୍ଥା ନ କରାଯିବା ପର୍ଯ୍ୟନ୍ତ ଏହି କାମ କରାଇ ଦିଆଯିବନି ବୋଲି ଆନ୍ଦୋଳନକାରୀ କହିଛନ୍ତି। ସୂଚନାଯୋଗ୍ୟ, ଟାଟା କମ୍ପାନୀ ଇସ୍ପାତ କାରଖାନା ପାଇଁ କାଳିପଲ୍ଲୀ ଏବଂ ନିକଟସ୍ଥ ଅଞ୍ଚଳରେ ୧୯୯୬ରେ ଜମି ଅଧିଗ୍ରହଣ ହୋଇଥିଲା । ଦୀର୍ଘ ୨୫ ବର୍ଷ ପରେ ମଧ ଟାଟା କମ୍ପାନୀ ପକ୍ଷରୁ ଜମି ହରାଇଥିବା ପରିବାରର ସଦସ୍ୟଙ୍କୁ ନିଯୁକ୍ତି ଦିଆଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ଲାଗି ରହିଛି । ଏବେ କାଳିପଲ୍ଲୀ ନିକଟ ଉକ୍ତ ଜମିରେ ଟାଟା କମ୍ପାନୀ ଠାରୁ ଲିଜ୍ ନେଇ ଦୀପକ ଫର୍ଟିଲାଇଜର କମ୍ପାନୀ ସ୍ଥାପନ ପାଇଁ ନିର୍ମାଣ କାର୍ଯ୍ୟ ଚାଲିଥିଲା । ଏହି କାମକୁ ଶନିବାର ଠାରୁ ସ୍ଥାନୀୟ ଶତାଧିକ ଲୋକେ ବିରୋଧ କରିବା ସହ ନିଯୁକ୍ତି ଦାବିରେ ଆନ୍ଦୋଳନରେ ବସିଛନ୍ତି।

### ନାଳରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ଫୁଲବାଣୀ ଅଫିସ,୧୫।୬

ଗୋଛାପଡା ଥାନା ଅନ୍ତର୍ଗତ ନମେରିବାଲି ଗ୍ରାମର ଜଣେ ଘଟିଛି । ସେ ହେଲେ ଭୀମସେନ କହଁର। ଭୀମସେନ ମଙ୍ଗଳବାର ଘର ପାଖ ନାଳକୁ ଗାଧୋଇ ଯାଇଥିଲେ। ସେ ପାଣିରେ ବୁଡି ଯାଇଥିବା ନିକଟସ୍ଥ ଘର ଲୋକେ ଦେଖି ପରିବାରକୁ ଖବର ଦେଇଥିଲେ। ତାଙ୍କୁ ଉଦ୍ଧାର ପରେ ଗୋଛାପଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ଥିବାରୁ ସେଠାରୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଛି। ଭୀମସେନଙ୍କର ୧୭ ଓ ୧୨ ବର୍ଷୀୟ ୨ ପୁଅ ଅଛନ୍ତି। ଗରିବ ପରିବାରରେ ଏକମାତ୍ର ରୋଜଗାର ବ୍ୟକ୍ତି ଥିଲେ । ତୁରନ୍ତ ତାଙ୍କ ପରିବାରକୁ ସରକାରୀ ସହାୟତା ଯୋଗାଇବାକୁ ଗ୍ରାମବାସୀ ଦାବି କରିଛନ୍ତି।

### ଜାରା ଶବର କୁଳ ସଂସ୍କାର ସମିତିର ଛାତ୍ରୀଛାତ୍ର ସମ୍ମିଳନୀ

ରାୟଗଡ଼(ଗଜପତି)୧୫।୬(ଡି.ଏନ୍.ଏ.)

ରାୟଗଡ଼ ବ୍ଲକ ବ୍ଲକ ଅଧୀନ କରଡ଼ାସିଂ ଗ୍ରାମଠାରେ ପାରଳା ଜାରା ଶବର କୁଳ ସଂସ୍କାର ସମିତି ତରଫରୁ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ ପ୍ରାୟ ୭୦ ଖଣ୍ଡ ଗ୍ରାମର ଶତାଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସଭାପତି ନନ୍ଦ ରାଗସ ଓ ଉପଦେଷ୍ଟା ସୀମାଦ୍ରି ଦଳାଇ ପ୍ରଦୀପ ପ୍ରଜ୍ୱଳନ କରି ଆନୁଷ୍ଠାନିକ ଭାବେ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ। ଏଥିସହ କାର୍ଯ୍ୟକ୍ରମରେ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କୁ ନେଇ ଏକ କମିଟି ଗଠନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ଉପଦେଷ୍ଟା ରାଧାକୃଷ୍ଣ ଜାନି, ଶିବ ଶଙ୍କର ଭୂୟାଁ, ସମ୍ପାଦକ ପ୍ରଫୁଲ କୁମାର ରାଉତ, ଉପସଭାପତି ପଞ୍ଚମନ କୁମ୍ଭଙ୍କ ସମେତ ଅନୁଷ୍ଠାନର ସମସ୍ତ ସଭ୍ୟ ଉପସ୍ଥିତ ଥିଲେ।

# ସିଆର୍‌ପିଏଫ ପକ୍ଷରୁ ହର ଘର ତ୍ରିରଙ୍ଗା କାର୍ଯ୍ୟକ୍ରମ



ଛାତ୍ରମାନଙ୍କ ତ୍ରିରଙ୍ଗା ପ୍ରଦର୍ଶନ।

ଫୁଲବାଣୀ ଅଫିସ,୧୫।୬

କନ୍ଧମାଳ ଜିଲା ବାଲିଗୁଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଆଜାଦୀ କୀ ଅମୃତ ମହୋତ୍ସବ ଉପଲକ୍ଷେ ଜାତୀୟ ଏକୀକରଣ କାର୍ଯ୍ୟକ୍ରମ 'ହର ଘର ତ୍ରିରଙ୍ଗା' ଆୟୋଜିତ ହୋଇଯାଇଛି । ସିଆରପିଏଫ ୧୨୭ ବାଟାଲିୟନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସିଆରପିଏଫ ଦ୍ୱିତୀୟ କମାଣ୍ଡ ଅଧିକାରୀ ଆର.ଏଲ ଫିମେଟ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ । ଉପ କମାଣ୍ଡାଣ୍ଟ ଅଜିତ ସି.ବାବୁ, ପ୍ରଧାନଶିକ୍ଷକ ଶିଶିରକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇ ଏହି କାର୍ଯ୍ୟକ୍ରମ ପାଳନ ଉପରେ ନିଜର ବକ୍ତବ୍ୟ ରଖିଥିଲେ । ସଚେତନତା ସୃଷ୍ଟି କରିବା ଏବଂ ଆମର ଜାତୀୟ ପତାକାକୁ ନେଇ ଗର୍ବ ଅନୁଭବ ସୃଷ୍ଟି କରିବା ପାଇଁ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ବାଲିଗୁଡାରେ ନାଗରିକଙ୍କ ରହଣି ସ୍ଥାନ ଏବଂ ଦୋକାନ ମାଲିକ, ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଜାତୀୟ ପତାକା ପ୍ରଦାନ କରାଯାଇଥିଲା ।

# ରଜ ପାଇଁ ଜମୁଛି ଭିଡ଼, ଭୋଜିଭାତ ଆସର

## ପର୍ଯ୍ୟଟକଙ୍କ ମନ ମୋହୁଛି ବଟେଶ୍ୱର ବେଳାଭୂମି



ବାବା ବଟେଶ୍ୱର ଶୈବପୀଠ।

ଗଞ୍ଜାମ,୧୫।୬(ଡି.ଏନ.ଏ.)

ଗଞ୍ଜାମ ଜିଲା କଣ୍ଟିଆଗଡ଼ ଗ୍ରାମଠାରୁ କିଛି ଦୂରରେ ପ୍ରସିଦ୍ଧ ବାବା ବଟେଶ୍ୱର ଶୈବପୀଠ ଅବସ୍ଥିତ। ଝାଉଁବଣ ଜଙ୍ଗଲ ମଧ୍ୟରେ ଥିବା ଏହି ମନ୍ଦିରଠୁ ଅଳ୍ପ ଦୂରରେ ବଟେଶ୍ୱର ସମୁଦ୍ର ବେଳାଭୂମି। ଭକ୍ତମାନେ ଲମ୍ବା ଧାଡିରେ ଠାକୁର ଦର୍ଶନ କରିଥିଲେ। ବୁଧବାର ଦ୍ୱିତୀୟ ରଜ ଅବସରରେ ହଜାର ହଜାର ପର୍ଯ୍ୟଟକ ଏହି ସମୁଦ୍ର ବେଳାଭୂମିରେ ମଜା ନେଉଥିବା ଦେଖିବାକୁ ମିଳିଥିଲା। ପ୍ରବଳ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଖରାକୁ ଖାତିର ନ କରି ଶହ ଶହ ପର୍ଯ୍ୟଟକ ସମୁଦ୍ରରେ ବୁଡୁଥିବା ଦେଖିବାକୁ ମିଳିଥିଲା। ଏଥିସହ ଝାଉଁ ଜଙ୍ଗଲର ବିଭିନ୍ନ ସ୍ଥାନରେ ପର୍ଯ୍ୟଟକମାନଙ୍କ ଭୋଜିଭାତର ଆସର ଜମିଥିଲା। ଏହି ଶୈବପୀଠରେ ପର୍ଯ୍ୟଟକଙ୍କ ସୁବିଧା ନିମନ୍ତେ ସୁଲଭ ଶୌଚାଳୟ, କଲ୍ୟାଣମଣ୍ଡପ ଓ ଆକର୍ଷଣୀୟ ଶିଶୁ ଉଦ୍ୟାନ ରହିଛି। ଛୋଟ ଛୁଆଠାରୁ ଆରମ୍ଭ କରି ଯୁବତୀ ଯୁବକମାନେ ପାର୍କର ମଜା ନେଉଛନ୍ତି। ଏଥିପାଇଁ କୋଣ ଅନୁକୋଣ ତଥା ଜିଲା ବାହାରୁ ପ୍ରତିଦିନ ଏଠାକୁ ହଜାର ହଜାର ଭକ୍ତ ଆସି ଏହାର ମଜା ନେଉଛନ୍ତି। ପ୍ରତିବର୍ଷ ଭଳି ଚଳିତବର୍ଷ ମଧ ରଜ ସଂକ୍ରାନ୍ତି ଅବସରରେ ମନ୍ଦିର ପରିଚାଳନା କମିଟି ପକ୍ଷରୁ ପ୍ରସାଦର ଆୟୋଜନ କରାଯାଇଥିଲା। ପ୍ରବଳ ଭିଡ଼କୁ ଦେଖି ରମ୍ଭା ପୋଲିସ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ବଟେଶ୍ୱର ବାଲିଯାତ୍ରା ପଡିଆରେ ବିଭିନ୍ନ ରକମର ଖେଳନା, ଆଇସ୍‌କ୍ରିମ, ଥଣ୍ଡା ପାନୀୟ ଜଳ ଆଦି ପସରା ପଡିଛି। ୧୬ ନମ୍ବର ଜାତୀୟ ରାଜପଥ ହୁମାଠାରୁ ମାତ୍ର ତିନିରୁ ଚାରି କିମି ଯିବା ପରେ ଏହି ପ୍ରସିଦ୍ଧ ଶୈବପୀଠ ଦେଖିବାକୁ ମିଳିବ।

# ୩ ଦିନ ମଧ୍ୟରେ ସଫାହେଲା ନଦୀଘାଟ ରାସ୍ତା

## ଖବର ପ୍ରକାଶନ ପରେ

ଜି.ଉଦୟଗିରି,୧୫।୬(ଡି.ଏନ.ଏ.)

ହାତୀଶାଳ ସାହିରେ ଲକ୍ଷାଧିକ ଟଙ୍କାରେ ନିର୍ମିତ ନଦୀଘାଟ ରାସ୍ତା ଅଳିଆ ଆବର୍ଜନା ପରିପୂର୍ଣ୍ଣ ହୋଇ ବ୍ୟବହାର ଉପଯୋଗୀ ନ ହୋଇ ପଡି ରହିଥିଲା। ଏଥିପାଇଁ ସାହି ବାସିନ୍ଦା ନାନା ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏହାକୁ ଦୃଷ୍ଟିରେ ରଖି ଧରିତ୍ରୀ ସମେତ କିଛି ଖବରକାଗଜରେ ଏ ସମ୍ପର୍କରେ ଖବର ପ୍ରକାଶିତ ପାଇଥିଲା। ଏହା ସହିତ ସାହି ବାସିନ୍ଦାମାନେ ସମସ୍ୟାର ସମାଧାନ ପାଇଁ ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଏହି ସମସ୍ୟା ଶୀଘ୍ର ସମାଧାନ କରାଯିବ ବୋଲି ଅଧକ୍ଷା କହିଥିଲେ। ତାହା ବୁଧବାର ଫଳପ୍ରଦ ହୋଇଛି। ଏନ୍‌ଏସି ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କ ନିର୍ଦ୍ଦେଶ ଅନୁଯାୟୀ ପରିମଳ ପରିଦର୍ଶକ ଗଣେଶ ଜେନାଙ୍କ ତତ୍ତ୍ୱାବଧାନରେ ସ୍ୱଚ୍ଛସାଥୀମାନେ ୩ ଦିନର ଅକ୍ଳାନ୍ତ ପରିଶ୍ରମ କରି ଏହି କାର୍ଯ୍ୟ ସମ୍ପାଦନ କରିଥିବାରୁ ସେମାନଙ୍କୁ ସାହି ବାସିନ୍ଦା ଧନ୍ୟବାଦ ଜଣାଇବା ସହିତ ଅଧକ୍ଷା ଭାନୁପ୍ରଭା ମିଶ୍ରଙ୍କୁ ମଧ ଧନ୍ୟବାଦ ଜଣାଇଛନ୍ତି। ଏନ୍‌ଏସିର ଏହି ତ୍ୱରିତ ପଦକ୍ଷେପ ଯୋଗୁ ଲକ୍ଷାଧିକ ଟଙ୍କାର ନଦୀଘାଟ ରାସ୍ତା ସାହିବାସିନ୍ଦାଙ୍କ କାମରେ ଆସିବାରୁ ସେମାନେ ଆଶ୍ୱସ୍ତ ହୋଇଛନ୍ତି।

# ପାଠ୍ୟ ଉପକରଣ ବଣ୍ଟନ



ଛାତ୍ରୀ ଛାତ୍ରକୁ ପାଠ୍ୟ ଉପକରଣ ପ୍ରଦାନ କରାଯାଉଛି।

ଭଞ୍ଜନଗର,୧୫।୬(ଡି.ଏନ୍.ଏ)

ସ୍ୱେଚ୍ଛାସେବୀ ସଙ୍ଗଠନ ବିପଦର ବନ୍ଧୁ ପକ୍ଷରୁ ବୁଧବାର ନିଆରା ଢଙ୍ଗରେ ରଜପର୍ବ ପାଳିତ ହୋଇଛି। ସଙ୍ଗଠନର ୩୦ରୁ ଊର୍ଦ୍ଧ୍ୱ ଯୁବକ ବୁଧବାର ପୂର୍ବ ପ୍ରସ୍ତୁତି କ୍ରମେ କୁଳୁଡାଇ ପଞ୍ଚାୟତ ବଣିଆପଲ୍ଲୀ ଗ୍ରାମରେ ପହଞ୍ଚିଥିଲେ। ଏଥିରେ ଆୟୋଜିତ ବିଭିନ୍ନ ପ୍ରତିଯୋଗୀତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ପାଠ୍ୟ ଉପକରଣ ମଧ ବଣ୍ଟନ କରାଯାଇଥିଲା। ଶେଷରେ ଭଞ୍ଜ ରାଜବଂଶର ଅଧିଷ୍ଠାତ୍ରୀ ଦେବୀ ମା' କନ୍ଧୁଣି ଦେବୀଙ୍କ ପୀଠରେ ବିଶ୍ୱ ଶାନ୍ତି ପାଇଁ ପ୍ରାର୍ଥନା କରାଯାଇଥିଲା। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ଶୂଳପାଣି ଶତପଥୀ, ଲୋକନାଥ ଆଚାର୍ଯ୍ୟ, ଚୁନା ଦୋରା, ବିପଦର ବନ୍ଧୁ କର୍ମକର୍ତ୍ତା ଅରକ୍ଷିତ, ନଗର କଂଗ୍ରେସ ସଭାପତି ଏସ୍.କେ. ଦିଗାଲ ପ୍ରମୁଖ ସହଯୋଗ କରିଥିଲେ।

### ନାରୀ କବି ସମ୍ମିଳନୀ, ଆଲୋଚନାଚକ୍ର

ହିଞ୍ଜିଳିକାଟୁ,୧୫।୬(ଡି.ଏନ.ଏ.)

ହିଞ୍ଜିଳିକାଟୁ ପାଟଣା ସାହି ନୃସିଂହ ମନ୍ଦିର ପରିସରରେ ଓଡ଼ିଆ ଭାଷା ସାହିତ୍ୟ ସମିତି ପକ୍ଷରୁ ନାରୀ କବି ସମ୍ମିଳନୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଉପସଭାନେତ୍ରୀ ଗୀତାଞ୍ଜଳି ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ହିଞ୍ଜିଳିକାଟୁ ପୌରପରିଷଦର ଉପାଧକ୍ଷା ସୁଚିତ୍ରା ପଣ୍ଡା ଏବଂ ମୁଖ୍ୟବକ୍ତା ଭାବରେ ବିଶିଷ୍ଟ କବୟିତ୍ରୀ ତଥା କୁକୁଡାଖଣ୍ଡି ତହସିଲଦାର କଲ୍ୟାଣୀ ସଂଘମିତ୍ରା ମଞ୍ଚାସୀନ ଥିଲେ। ମଧୁସ୍ମିତା ସାହୁ, ମେନକା ମିଶ୍ର, ସଂଯୁକ୍ତା ଶତପଥୀ, ପ୍ରତିମା ପଟ୍ଟନାୟକ ପ୍ରମୁଖ ସ୍ୱରଚିତ କବିତା ପାଠ କରିଥିଲେ। ପରିବେଶୀୟ ସଙ୍କଟ ଓ ନାରୀ ସଶକ୍ତୀକରଣ ଶୀର୍ଷକରେ ଆଲୋଚନାଚକ୍ର ହୋଇଥିଲା।ଅନୁଷ୍ଠାନର ସଭାପତି ଆକାଶ ପଟ୍ଟନାୟକଙ୍କ ସହ ବହୁ ସାହିତ୍ୟପ୍ରେମୀ ଉପସ୍ଥିତ ଥିଲେ।

# ରାଣୀପଥର ଘାଟିର ୨୦୦ ଫୁଟ ତଳୁ ଟ୍ରକ ଉଦ୍ଧାର

ବଲସକୁମ୍ପା,୧୫।୬

ଘାଟିର ୱାଲ ନିର୍ମାଣ କାର୍ଯ୍ୟରେ ବାଧକ ସାଜିଛି ବନବିଭାଗ



କ୍ରେନ ଦ୍ୱାରା ଟ୍ରକ୍‌କୁ ଉଦ୍ଧାର କରାଯାଉଛି।

ଅଧାରେ ଅଟକିଛି ୧୫୭ ନମ୍ବର ଜାତୀୟ ରାଜପଥ ରାଣୀପଥର ଘାଟି ନିର୍ମାଣ କାର୍ଯ୍ୟ। ଠିକାଦାର ହାତବାନ୍ଧି ବସିଛି ଆଉ ଦୁଃଖର କଥା ଯେ ଯାତ୍ରୀଙ୍କ ଜୀବନ ସହିତ ଖେଳୁଛି ବନବିଭାଗ। ଏ କଥାକୁ ଅବିଶ୍ୱାସ ଲାଗୁଥିଲେ ବି ସତ। ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ ହେବାର ୫/୭ ବର୍ଷ ବିତିଯାଇଥିଲେ ମଧ ବନବିଭାଗ ଏହି ଘାଟି ରାସ୍ତା ୱାଲ୍ ନିର୍ମାଣ କାର୍ଯ୍ୟ ପାଇଁ ଆଜି ପର୍ଯ୍ୟନ୍ତ (କ୍ଲିୟରାନ୍ସ) ଅନୁମତି ଦେଉନାହାନ୍ତି। କିନ୍ତୁ ଘାଟି ରାସ୍ତାକୁ ଛାଡ଼ି ଦେଲେ ଆଉସବୁର ପୋଲ ହେଉ ବା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଲାଣି। ଏଠାରେ ଆମେ ଯଦି ଦେଖିବା ନିଶ୍ଚିତ ଭାବେ ଜାଣିପାରିବା ରାସ୍ତା ନିର୍ମାଣ କାର୍ଯ୍ୟ ଅପେକ୍ଷା ରାଣୀପଥର ଘାଟିର ଯେଉଁ ସବୁ ୱାଲ୍ ନିର୍ମାଣ କାମ ରହିଛି ତାହା ଜରୁରୀ ଓ ଏହା ବହୁ ପୂର୍ବରୁ ହେବାକଥା। କାରଣ ଦୀର୍ଘ ବର୍ଷହେବ ରାଣୀପଥର ଘାଟି ୱାଲ୍ ନ ଥିବାରୁ ବିପଦ ସଂକୁଳ ଅବସ୍ଥାରେ ରହିଛି। ଅନେକ ଦୁର୍ଘଟଣାମାନ ଘଟିବା ସହ ଜନ ଜୀବନ ନେଇ ସାରିଲାଣି। ତେଣୁ ଏଥିପ୍ରତି ସମସ୍ତଙ୍କ ଦୃଷ୍ଟିଆକର୍ଷଣ ହେବା ସହିତ ଆନ୍ତରିକତା ଓ ଉଦ୍ୟମ ବି ଦରକାର ଯେ ପ୍ରଥମେ ଘାଟି ୱାଲ୍ କାମ ଶେଷ ହେବା ଦରକାର। କିନ୍ତୁ ବନ ବିଭାଗ ଏଥିପ୍ରତି ଆନ୍ତରିକତା ଓ ଉଦ୍ୟମ ନ କରି ବରଂ ନିଜର ସ୍ୱାର୍ଥ ହାସଲ ପାଇଁ ଘାଟିର ନିର୍ମାଣ କାର୍ଯ୍ୟ ପାଇଁ କ୍ଲିୟରାନ୍ସ ଅନୁମତି ନ ଦେବାର କାରଣ କ'ଣ ସନ୍ଦେହ ସୃଷ୍ଟି କରୁଛି। ଘାଟିରେ ସାଇଟ ୱାଲ୍ ନ ଥିବାରୁ ଅନେକ ଦୁର୍ଘଟଣା ଘଟି ଗାଡ଼ିଗୁଡ଼ିକ ରାସ୍ତାରୁ ତଳକୁ ଖସି ଯାଉଛନ୍ତି। ତେଣୁ ବନବିଭାଗକୁ ଅନୁରୋଧ କରାଯାଉଛି ଶୀଘ୍ର ଠିକାଦାରଙ୍କୁ ରାଣୀପଥର ଘାଟି ରାସ୍ତାର କ୍ଲିୟରାନ୍ସ ଦେଇ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଅନୁମତି ପ୍ରଦାନ କରାଯାଉ। ନଚେତ ଏହାର ପ୍ରତିବାଦ ନିମନ୍ତେ ସ୍ଥାନୀୟ ଅଞ୍ଚଳବାସୀ ବାଧ ହୋଇ ଆନ୍ଦୋଳନ ପାଇଁ ମୁଣ୍ଡ ଟେକିବ। ସେଥିପାଇଁ ଗାଁ ଗାଁରେ ପ୍ରସ୍ତୁତି ଆରମ୍ଭ ହୋଇଛି ବୋଲି ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି।